ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଂ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 9 | 3 - 9 March 2024 | Sambalpur | Page- 8 | Invitation Price Rs.10

# ପ୍ରକୃତି ଏବଂ ସଂସ୍କୃତି ପ୍ରତି ସଚେତନ ହୋଇ ଭାରତକୁ ବିକଶିତ ରାଷ୍ଟ୍ର କରିବାକୁ ହେବ: ପି.କେ ମିଶ୍ର

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ୨୦୪୭ ମସିହା ସୁଦ୍ଧା ଭାରତ ପାଇଁ ଏକ ବିରାଟ



ପରିକଳ୍ପନା କରିଛନ୍ତି । ଭାରତକୁ ଏକ ବିକଶିତ ରାଷ୍ଟ୍ରର ମାନ୍ୟତା ହାସଲ କରିବାକୁ ପଡ଼ିବ । ଉଭୟ ପ୍ରକୃତି ଏବଂ ସଂସ୍କୃତି ପ୍ରତି ସଚେତନ ହୋଇ ଏହି ଲକ୍ଷ୍ୟ ହାସଲ କରିବାକୁ ହେବ । ଏଥିରେ ପ୍ରଯୁକ୍ତିବିଦ୍ୟାର ଆହରଣ ଓ ପ୍ରୟୋଗକୁ ପ୍ରାଥମିକତା ଦିଆଯିବ । ସେହିଭଳି ବିଜ୍ଞାନ ଓ ପ୍ରଯୁକ୍ତିକ୍ଷେତ୍ରରେ ଭାରତ ନେତୃତ୍ୱ ଗ୍ରହଣ କରିବ ଏବଂ ସବୁ କ୍ଷେତ୍ରରେ ଆତ୍ମନିର୍ଭର ହେବ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ର କହିଛନ୍ତି ।

କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ନଲେଜ ଟ୍ରି ବକ୍ତୃତାମାଳାରେ ଉଦବୋଧନ ଦେଇ ଡକ୍ଟର ମିଶ୍ର କହିଛନ୍ତି ଯେ, ବିକଶିତ ଭାରତ ପରିକଳ୍ପନା ଓ ସଂକଳ୍ପ ଯାତ୍ରାରେ ମହିଳାଙ୍କ ନେତୃତ୍ୱକୁ ସର୍ବାଧିକ ପ୍ରାଥମିକତା ଦିଆଯିବ । ଅର୍ଥ ବ୍ୟବସ୍ଥାକୁ ଆହୁରି ସମାବେଶୀ ଏବଂ ନବ-ସୃଜନଧର୍ମୀ କରାଯିବ । ଦୁର୍ନୀତି, ଜାତିବାଦ ଓ ସାମ୍ପ୍ରଦାୟିକତାର ଜାତୀୟ ଜୀବନରେ କୌଣସି ସ୍ଥାନ ନାହିଁ । ଦେଶର ବିକାଶ ସହିତ ଯୁବଶକ୍ତିଙ୍କ ବିକାଶ ସମାନ ଭାବରେ ଜଡ଼ିତ ରହିଛି । ତେଣୁ ଯଦି ଉଭୟଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରାଯିବ, ତାହେଲେ ଅବିଶ୍ୱସନୀୟ ସଫଳତା ହାସଲ କରିହେବ ବୋଲି ସେ କହିଥିଲେ ।

ଜାତୀୟ ଶିକ୍ଷା ନୀତି ୨୦୨୦ରେ ଭାରତ ପାଇଁ ଏଭଳି ଏକ ଶିକ୍ଷା ବ୍ୟବସ୍ଥାର ପରିକଳ୍ପନା କରାଯାଇଛି ଯାହା ୨୦୪୦ ମସିହା ସୁଦ୍ଧା ବିଶ୍ୱରେ ଅଦ୍ୱିତୀୟ ହେବ ଏବଂ ସାମାଜିକ ଓ ଆର୍ଥିକ ପୃଷ୍ଠଭୂମି ନିର୍ବିଶେଷରେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଇଁ ଗୁଣାତ୍ମକ ଉଚ୍ଚଶିକ୍ଷା ଗ୍ରହଣ ନିମନ୍ତେ ସମାନ ସୁଯୋଗ ଉପଲବ୍ଧ ହୋଇପାରିବ ବୋଲି ଡକ୍ଟର ମିଶ୍ର କହିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଥିଲେ ଯେ, ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୫୦ ହଜାର କୋଟି ଟଙ୍କା ବ୍ୟୟବରାଦ ସହିତ ଅନୁସନ୍ଧାନ ଜାତୀୟ ଗବେଷଣା ଫାଉଣ୍ଡେସନ ପ୍ରବର୍ତ୍ତନ କରାଯାଇଛି । ଚଳିତ ବର୍ଷ ଅନ୍ତରୀଣ ବଜେଟରେ, ଏକ ଲକ୍ଷ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଗଠନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଛି, ଯାହାକି ପ୍ରଯୁକ୍ତିବିଦ୍ୟାରେ ପାରଙ୍ଗମ ଯୁବଗୋଷ୍ଠୀଙ୍କୁ




ଗବେଷଣା ଓ ନବସୃଜନ ବିକାଶ ନିମନ୍ତେ ବିଶେଷ ସହାୟକ ହେବ ।

ଡକ୍ଟର ମିଶ୍ର କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ୍ (କିସ୍) ଠାରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଥିଲେ ଯେ, ସମାଜର ସବୁ କ୍ଷେତ୍ରରେ ମହିଳାଙ୍କ ଭାଗିଦାରୀକୁ ନେଇ ଭାରତ ବହୁତ ଆଗକୁ ଆସିଛି । ପ୍ରଧାନମନ୍ତ୍ରୀଙ୍କ ' ବିକଶିତ ଭାରତ ୨୦୪୭ ଭିଜନ'ରେ ଅନ୍ୟତମ ପ୍ରମୁଖ ସ୍ତମ୍ଭ ହେଉଛି 'ମହିଳାଙ୍କ ନେତୃତ୍ୱାଧୀନ ବିକାଶ' । ଅଧିକରୁ ଅଧିକ ଝିଅ ଷ୍ଟେମ୍ (ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ) ପାଠ୍ୟକ୍ରମରେ ନାମ ଲେଖାଇ ଅତ୍ୟନ୍ତ ଭଲ ପ୍ରଦର୍ଶନ କରୁଛନ୍ତି । ସେ ଛାତ୍ରଛାତ୍ରୀଙ୍କୁ ମହତ୍ୱାକାଂକ୍ଷୀ ଲକ୍ଷ୍ୟ ନିର୍ଦ୍ଧାରଣ କରିବା ଏବଂ ଏହାକୁ ହାସଲ କରିବା ନିମନ୍ତେ ନିରନ୍ତର ପ୍ରୟାସ କରିବା ପାଇଁ ଆହ୍ୱାନ କରିଥିଲେ । ନିଜ ପ୍ରତିଭା, ପରିଶ୍ରମ ଓ ନିଷ୍ଠା ବଳରେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଡକ୍ଟର ମିଶ୍ର ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ ।

କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁର ଆଇଆଇଏମ୍‌ରେ ୧୦୦ କ୍ୟୁବ୍ ଷ୍ଟାର୍ଟଅପ୍ ଶୁଭାରମ୍ଭ କଲେ ଧର୍ମେନ୍ଦ୍ର ପ୍ରଧାନ




ସମ୍ବଲପୁର: ଓଡ଼ିଶାର ଯୁବକଙ୍କ ମଧ୍ୟରେ ନୂଆ ସ୍ପିରିଟ୍ ତିଆରି ହୋଇଛି । ସେହି ସ୍ପିରିଟକୁ ଗତି ଦେବା ତଥା ରାଜ୍ୟରେ ଅଧିକରୁ ଅଧିକ ରୋଜଗାର ସୃଷ୍ଟି କରାଇବା ଦିଗରେ ୧୦୦ କ୍ୟୁବ୍ ଷ୍ଟାର୍ଟଅପ ପଦକ୍ଷେପ ଏକ ଭାବାବେଗ ଓ ବ୍ୟାପକ ଜନଆନ୍ଦୋଳନ ବୋଲି ଆଇଆଇଏମ ସମ୍ବଲପୁରରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।



ଇନକ୍ୟୁବେଟର ହବ୍ (ଆଇ-ହବ୍)ର ଶୁଭାରମ୍ଭ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ କାର୍ଯ୍ୟକ୍ରମ ସହ ଆଇଆଇଏମ ସମ୍ବଲପୁରରେ ୨୦୩୬ ସୁଦ୍ଧା ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପୂରଣ କରିବ । ଏହି ସମୟ ସୀମା ମଧ୍ୟରେ ସମାଜର ସବୁ ଲୋକଙ୍କୁ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବାକୁ ହେବ । ଆମ ଦେଶ ଜ୍ଞାନ ଆଧାରିତ ଅର୍ଥନୀତି ଦିଗରେ ଅଗ୍ରସର ହେଉଥିବା ବେଳେ ନୂଆପୀଢ଼ିର ପିଲାମାନଙ୍କୁ ଆଧୁନିକ ଦୁନିଆ ସହ ରୋଜଗାର ଦେବା ପାଇଁ ଏବେଠାରୁ ପ୍ରସ୍ତୁତ କରାଇବାକୁ ହେବ । ସେମାନଙ୍କୁ ନିଯୁକ୍ତି କରିବା ନୁହେଁ ବରଂ ନିଯୁକ୍ତିଦାତା କରାଇବା ପାଇଁ କର୍ତ୍ତବ୍ୟ କରିବାକୁ ହେବ । ୧୦୦ କ୍ୟୁବ୍ ତନ୍ମଧ୍ୟରୁ ଗୋଟିଏ କର୍ତ୍ତବ୍ୟ । ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ଶତାବର୍ଷିକୀ ପାଳନ କରିବା ବେଳେ ସ୍ଥାପନା ହେବାକୁ ଥିବା ୧୦୦ଟି ଷ୍ଟାର୍ଟଅପର ପ୍ରତ୍ୟେକ ଷ୍ଟାର୍ଟଅପର ମୂଲ୍ୟ ଆନୁମାନିକ ମୂଲ୍ୟ ୧୦୦ କୋଟି ଟଙ୍କା ହେବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ବଲପୁର ଆଇଆଇଏମ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ସ୍ୱାଗତ ଭାଷଣ ଦେଇଥିଲେ । ବଜାଜ ଫିନସର୍ଭର ସିଏମଡି ସଞ୍ଜୀବ ବଜାଜ, କୋଲ ଇଣ୍ଡିଆର ଏମଡି ପିଏମ୍ ପ୍ରସାଦ, ସେଲର ସିଏମଡି ଅମରେନ୍ଦୁ ପ୍ରକାଶ, ମାଷ୍ଟର ୱେଭର ଶ୍ରୀମତୀ ସୁଲୋଚନା ମେହେର ପ୍ରମୁଖ ଭାଷଣ ଦେଇଥିଲେ । ପ୍ରଫେସର ଦିୱାହର ନାଦର ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଅନୁଗୋଳରେ ସେଣ୍ଟର ଅଫ୍ ମ୍ୟାନେଜମେଣ୍ଟ୍ ଏଜୁକେସନ ସ୍ଥାପନା ପାଇଁ ଆଇଆଇଏମ ସମ୍ବଲପୁର ଓ ଆଇଆଇଏମ ମୁମ୍ବାଇ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମଓୟୁ) ସହ ଅନ୍ୟାନ୍ୟ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ଏହାସହ ଓଡ଼ିଶା ସମେତ ଦେଶର ଷ୍ଟାର୍ଟଅପ୍ ସମୂହର ବ୍ୟକ୍ତିବିଶେଷ, ନିବେଶକ, ଶିଳ୍ପ ପରାମର୍ଶଦାତା ଓ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେଇଥିଲେ । ଏହି ଅବସରରେ ଆଇଆଇଏମ ସମ୍ବଲପୁର ପକ୍ଷରୁ ଏକ ପ୍ରଦର୍ଶନୀର ଆୟୋଜନ ମଧ୍ୟ କରାଯାଇଥିଲା ।

ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପଦ୍ମଶ୍ରୀ ଡକ୍ଟର କ୍ରିଷ୍ଣା ପଟେଲ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ରଙ୍କୁ ସମ୍ମାନସୂଚକ ଡି.ଲିଟ୍ ଉପାଧି

ଭୁବନେଶ୍ୱର : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ରଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ସମାରୋହରେ ସମ୍ମାନସୂଚକ ଡି.ଲିଟ୍ ଉପାଧିରେ ସମ୍ମାନିତ କରାଯାଇଛି । ବିଶ୍ୱ-ବିଦ୍ୟାଳୟ ପରିସରରେ ଆୟୋଜିତ ଭବ୍ୟ ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡକ୍ଟର ମିଶ୍ରଙ୍କୁ ଡି. ଲିଟ୍ ଉପାଧିରେ ସମ୍ମାନିତ କରିଥିଲେ । ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାସ ଉପସ୍ଥିତ ଥିଲେ । ୧୯୭୨



ବ୍ୟାଚ୍ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ସମ୍ବଲପୁରର ମୂଳବାସିନ୍ଦା ଡକ୍ଟର ମିଶ୍ରଙ୍କର ଦୀର୍ଘ ୫୦ ବର୍ଷରୁ ଅଧିକ ସମୟର ପ୍ରଶାସନିକ ଅଭିଜ୍ଞତା ରହିଛି । ସେ ଗୁଜରାଟ ସରକାର ଏବଂ ଭାରତ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ନିଷ୍ଠା ଓ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି । ଡକ୍ଟର ମିଶ୍ରଙ୍କର ପ୍ରଶାସନିକ ସେବା ବ୍ୟତୀତ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଓ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ବିଶେଷଜ୍ଞ ଭାବେ ବିଶେଷ ଖ୍ୟାତି ରହିଛି । ପୂର୍ବରୁ ଏଥିପାଇଁ ତାଙ୍କୁ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ପ୍ରଦାନ ସାଙ୍ଗକୁ ଆନ୍ତର୍ଜାତୀୟ ପୁରସ୍କାର ମଧ ମିଳିଛି । ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବାବଦରେ ତାଙ୍କ ଦ୍ୱାରା ରଚିତ କେତେକ ପୁସ୍ତକ ମଧ ଆନ୍ତର୍ଜାତୀୟ ସ୍ତରରେ ପାଠକୀୟ ଆଦୃତି ଲାଭ କରିଛି ।

## ଏ ସଂଖ୍ୟାରେ..


ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ମହୁ


ସୁନିଦ୍ରା ପାଇଁ ସାଲାଡ଼


ଇନସୁଲିନ୍ ସ୍ତର ସନ୍ତୁଳିତ ରଖେ ପିଆଜ ଶଣ୍ଢା


ଅଷ୍ଟିଓପୋରୋସିସ୍ ପାଇଁ ଉପକାରୀ ଦହି


ପନିପରିବା ଖାଇ ସୁସ୍ଥ ରହନ୍ତୁ


ପାଣିସିଙ୍ଗଡ଼ାର ଉପକାରିତା

# ଦେବାଧିଦେବ ମହାଦେବଙ୍କ ସ୍ୱରୂପ

ଭଗବାନ ଶିବ ସଂସାରର ସମସ୍ତ ମଙ୍ଗଳର ମୂଳ । ଯଜୁର୍ବେଦ ୧୬/୪୧ରେ ତାଙ୍କର ସ୍ତୁତି ଏହିପରି କରାଯାଇଛି -

ନମଃ ଶମ୍ଭବାୟ ଚ
ମୟୋଭବାୟ ଚ
ନମଃ ଶଙ୍କରାୟ ଚ
ମୟସ୍କରାୟ ଚ
ନମଃ ଶିବାୟ ଚ ଶିବତରାୟ ଚ ।

ଏହି ବୈଦିକ ଋଚାରେ ପରମାତ୍ମାଙ୍କୁ 'ଶିବ', 'ଶମ୍ଭୁ' ଓ 'ଶଙ୍କର' ନାମରେ ନମନ କରାଯାଇଛି । 'ଶିବ' ଶବ୍ଦ ବହୁତ ଛୋଟ, କିନ୍ତୁ ଏହାର ଅର୍ଥ ଏହାକୁ ଗମ୍ଭୀର କରିଦିଏ । ଶିବର ବ୍ୟାବହାରିକ ଅର୍ଥ ହେଉଛି- କଲ୍ୟାଣକାରୀ । ଶମ୍ଭୁର ଭାବାର୍ଥ ହେଲା- ମଙ୍ଗଳଦାୟକ । ଶଙ୍କରର ତାତ୍ପର୍ଯ୍ୟ- ଆନନ୍ଦର ସ୍ରୋତ । ଯଦ୍ୟପି ଏହି ତିନିଟି ନାମ ଭିନ୍ନ ଭିନ୍ନ, କିନ୍ତୁ ତିନିଟିର ସଂକେତ କଲ୍ୟାଣକାରୀ, ମଙ୍ଗଳଦାୟକ, ଆନନ୍ଦଘନ ପରମାତ୍ମାଙ୍କୁ ହିଁ ସୂଚାଉଛି ।

ସେ ଦେବାଧିଦେବ ମହାଦେବ, ସମସ୍ତଙ୍କର ଅଧିପତି ମହେଶ୍ୱର ସଦାଶିବ ଅଟନ୍ତି, କିନ୍ତୁ ଧ୍ୟାନ ରଖିବାକୁ ହେବ ଯେ ଭଗବାନ ଶିବ ତ୍ରିଦେବଙ୍କ ଅନ୍ତର୍ଗତ ରୁଦ୍ର (ରୌଦ୍ର ରୂପଧାରୀ) ନୁହନ୍ତି । ଭଗବାନ ଶିବଙ୍କ ଇଚ୍ଛାରୁ ପ୍ରକଟ ରଜୋଗୁଣ ରୂପ ବ୍ରହ୍ମା, ସତ୍ତ୍ୱଗୁଣ ରୂପ ବିଷ୍ଣୁ ଏବଂ ତମୋଗୁଣ ରୂପ ରୁଦ୍ର ଅଟନ୍ତି । ଯେଉଁମାନେ କ୍ରମଶଃ ସୃଜନ, ରକ୍ଷଣ (ପାଳନ) ତଥା ସଂହାରର କାର୍ଯ୍ୟ କରନ୍ତି ।

ଏ ତିନିହେଁ ବସ୍ତୁତଃ ସଦାଶିବଙ୍କର ହିଁ ଅଭିବ୍ୟକ୍ତି ଅଟନ୍ତି, ସେଥିପାଇଁ ଏମାନେ ଶିବଙ୍କଠାରୁ ପୃଥକ୍ ନୁହନ୍ତି । ବ୍ରହ୍ମା, ବିଷ୍ଣୁ, ମହେଶ ତାତ୍ତ୍ୱିକ ଦୃଷ୍ଟିରୁ ଏକ । ଏମାନଙ୍କ ମଧ୍ୟରେ ଭେଦ କରିବା ଅନୁଚିତ । ଦାର୍ଶନିକ ମାନ୍ୟତା ମୁତାବକ ବ୍ରହ୍ମାଣ୍ଡ ପଞ୍ଚତତ୍ତ୍ୱରେ ଗଠିତ । ଏହି ପାଞ୍ଚ ତତ୍ତ୍ୱ ହେଉଛି- ଜଳ, ପୃଥ୍ୱୀ, ଅଗ୍ନି, ବାୟୁ ଓ ଆକାଶ । ଭଗବାନ ଶିବ ପଞ୍ଚାନନ ଅର୍ଥାତ୍ ପାଞ୍ଚ ମୁଖ ବିଶିଷ୍ଟ । ଶିବ ପୁରାଣରେ ତାଙ୍କର ଏହି ପଞ୍ଚାନନ ସ୍ୱରୂପର ଧ୍ୟାନ କରିବା କଥା କୁହାଯାଇଛି ।

ଏହି ପାଞ୍ଚ ମୁଖ ଈଶାନ, ତତ୍ପୁରୁଷ, ଅଘୋର ବାମଦେବ ତଥା ସଦ୍ୟୋଜାତ ନାମରେ ପରିଚିତ । ଭଗବାନ ଶିବଙ୍କ ଉର୍ଦ୍ଧ୍ୱ ମୁଖର ନାମ 'ଈଶାନ', ଯାହାର ବର୍ଣ୍ଣ ଦୁଗ୍ଧ ପରି । 'ଈଶାନ' ଆକାଶ ତତ୍ତ୍ୱର ଅଧିପତି । ଈଶାନର ଅର୍ଥ ସମସ୍ତଙ୍କ ସ୍ୱାମୀ । ଈଶାନ, ପଞ୍ଚମୂର୍ତ୍ତି ମହାଦେବଙ୍କ ହିଁ କ୍ରୀଡ଼ାମୂର୍ତ୍ତି । ପୂର୍ବ ମୁଖର ନାମ 'ତତପୁରୁଷ', ଯାହାର ବର୍ଣ୍ଣ ହଳଦିଆ । ତତ୍ପୁରୁଷ ବାୟୁ ତତ୍ତ୍ୱର ଅଧିପତି । ତତ୍ପୁରୁଷ ହିଁ ନୃତ୍ୟମୂର୍ତ୍ତି ।

ଭଗବାନ ସଦାଶିବଙ୍କ ଦକ୍ଷିଣ ମୁଖକୁ 'ଅଘୋର' କୁହାଯାଏ । ତାହା ନୀଳ ବର୍ଣ୍ଣର । ଅଘୋର ଅଗ୍ନି ତତ୍ତ୍ୱର ଅଧିପତି । ଅଘୋର ଶିବଙ୍କର ହିଁ ସଂହାର ଶକ୍ତି, ଯାହା ଭକ୍ତମାନଙ୍କ ସଂକଟ ଦୂର କରିଥାଏ ।

ଉତ୍ତର ମୁଖର ନାମ ବାମଦେବ, ଯାହା କୃଷ୍ଣ ବର୍ଣ୍ଣର । ବାମଦେବ ଜଳ ତତ୍ତ୍ୱର ଅଧିପତି । ବାମଦେବ ବିକାରଗୁଡିକର ନାଶକାରୀ, ତେଣୁ ତାଙ୍କର ଆଶ୍ରୟ ନେଲେ କାମ, କ୍ରୋଧ, ମଦ, ଲୋଭ ଓ ମୋହର ପଞ୍ଚବିକାର ନଷ୍ଟ ହୋଇଯାଏ ।

ଭଗବାନ ଶଙ୍କରଙ୍କ ପଶ୍ଚିମ ମୁଖକୁ 'ସଦ୍ୟୋଜାତ' କୁହାଯାଏ, ଯାହା ଶ୍ୱେତ ବର୍ଣ୍ଣର ହୋଇଥାଏ । ସଦ୍ୟୋଜାତ ପୃଥ୍ୱୀ ତତ୍ତ୍ୱର ଅଧିପତି ଏବଂ ବାଳକ ସମାନ ପରମ ସ୍ୱଚ୍ଛ, ଶୁଦ୍ଧ ଓ ନିର୍ବିକାର । ସଦ୍ୟୋଜାତ ଜ୍ଞାନମୂର୍ତ୍ତି ହୋଇ ଅଜ୍ଞାନ ରୂପୀ ଅନ୍ଧକାରକୁ ନଷ୍ଟ କରି ବିଶୁଦ୍ଧ ଜ୍ଞାନକୁ ପ୍ରକାଶିତ କରିଦିଏ । ପଞ୍ଚଭୂତ (ପଞ୍ଚତତ୍ତ୍ୱ)ର ଅଧିପତି ହେବା କାରଣରୁ ସେ 'ଭୂତନାଥ' ବୋଲାଇ ଥାଆନ୍ତି ।

ଶିବ ଜଗତରେ ପାଞ୍ଚର ଆହୁରି ମହତ୍ତ୍ୱ ରହିଛି । ରୁଦ୍ରାକ୍ଷ ସାଧାରଣତଃ ପଞ୍ଚମୁଖୀ ହୋଇଥାଏ । ଶିବ ପରିବାରରେ ମଧ ପାଞ୍ଚ ଜଣ ସଦସ୍ୟ ଅଛନ୍ତି- ଶିବ, ପାର୍ବତୀ, ଗଣେଶ, କାର୍ତ୍ତିକେୟ ଓ ନନ୍ଦି । ଶିବଙ୍କ ଉପାସନା ପଞ୍ଚାକ୍ଷର ମନ୍ତ୍ର- 'ନମଃ ଶିବାୟ' ଦ୍ୱାରା କରାଯାଏ । ଶିବ କାଳ (ସମୟ)ର ପ୍ରବର୍ତ୍ତକ ଓ ନିୟନ୍ତ୍ରକ ହେବା କାରଣରୁ 'ମହାକାଳ' ମଧ ବୋଲାଇଥାନ୍ତି ।

କାଳର ଗଣନା 'ପଞ୍ଚାଙ୍ଗ' ଦ୍ୱାରା ହୋଇଥାଏ । କାଳର ପାଞ୍ଚ ଅଙ୍ଗ ତିଥି, ବାର, ନକ୍ଷତ୍ର, ଯୋଗ ଓ କ୍ଷଣ ଶିବଙ୍କର ହିଁ ଅବୟବ । ଶିବ କରୁଣାସିନ୍ଧୁ, ଭକ୍ତବତ୍ସଳ ହେବା କାରଣରୁ ଭକ୍ତର ଭାବନାରେ ବଶୀଭୂତ ହୋଇ ତା'ର ମନସ୍କାମନା ପୂର୍ଣ୍ଣ କରିଦିଅନ୍ତି, କିନ୍ତୁ ସ୍ମରଣ ରଖିବା ଦରକାର ଯେ 'ଦେବୋ ଭୂତ୍ୱା ଯଜେତ୍ ଦେବଂ' ଅର୍ଥାତ୍ ନିଜ ଇଷ୍ଟଦେବଙ୍କର ଅର୍ଚ୍ଚନା କରିବା ପାଇଁ ପ୍ରଥମେ ନିଜେ ନିଜକୁ ତାଙ୍କ ଅନୁରୂପ କରିନିଅ । ସେଥିପାଇଁ 'ଶିବୋ ଭୂତ୍ୱା ଶିବଂ ଯଜେତ୍'କୁ ନିଜର ଆଚରଣରେ ଢାଳି ନିଅନ୍ତୁ । ଭକ୍ତ ଶିବଙ୍କ ସମାନ ତ୍ୟାଗୀ, ପରୋପକାରୀ, ସଂଯମୀ, ସାଧନାଶୀଳ ଓ ସହିଷ୍ଣୁ ହେଲେ ହିଁ ଶିବାର୍ଜନ ସଫଳ ହେବ ।

ଶ୍ରୁତି ଗୁଡିକରେ କୁହାଯାଇଛି ଯେ ଶିବ ହିଁ ସମସ୍ତ ପ୍ରାଣୀଙ୍କର ଅନ୍ତିମ ବିଶ୍ରାମ ସ୍ଥାନ । ବେଦ, ପୁରାଣ ଓ ଉପନିଷଦ୍ ଗୁଡିକରେ ଶିବଙ୍କୁ ହିଁ ସଚ୍ଚିଦାନନ୍ଦଘନ ପରବ୍ରହ୍ମ କୁହାଯାଇଛି । ଏହି କାରଣରୁ ନିର୍ଗୁଣ-ନିରାକାର ଶିବଲିଙ୍ଗ ରୂପ ତଥା ସଗୁଣ-ସାକାର ମୂର୍ତ୍ତି ରୂପ, ଉଭୟ ପ୍ରକାରେ ଶିବଙ୍କର ପୂଜନ ହୋଇଥାଏ । ତ୍ରିପୁରର ଅର୍ଥ ହେଉଛି – ଲୋଭ, ମୋହ ଓ ଅହଂକାର । ମନୁଷ୍ୟ ଭିତରେ ଏହି ତିନି ବିକାରର ବଧକାରୀ ତ୍ରିପୁରାରୀ ଶିବଙ୍କ ଶକ୍ତିର ପ୍ରତୀକାତ୍ମକ ବର୍ଣ୍ଣନ ପୁରାଣ ଗୁଡିକରେ ମିଳେ, ଏହି ବର୍ଣ୍ଣନ ଅଭିଭୂତ କରିଦେବା ଭଳି ହୋଇଥାଏ ।

ଜଟାଜୁଟରେ ସୁଶୋଭିତ ଚନ୍ଦ୍ର, ମସ୍ତକରୁ ପ୍ରବାହିତ ଗଙ୍ଗାର ଧାର, ହାତରେ ଡମରୁ, ନୀଳକଣ୍ଠ ଓ ତିନି ନେତ୍ର ବିଶିଷ୍ଟ ଦିବ୍ୟ ରୂପ କାହାର ହୃଦୟକୁ ବା ଆକର୍ଷଣ କରିବ ନାହିଁ । ଭଗବାନ ଶଙ୍କରଙ୍କ ତୃତୀୟ ନେତ୍ର ହିଁ ଜ୍ଞାନଚକ୍ଷୁ । ଏହା ବିବେକଶୀଳତାର ପ୍ରତୀକ । ଏହି ଜ୍ଞାନଚକ୍ଷୁର ପଲକ ଖୋଲିବା ମାତ୍ରେ କାମ ଜଳିପୋଡି ଭସ୍ମ ହୋଇଯାଏ । ଏହି ବିବେକ ନିଜର ଋଷିତ୍ୱକୁ ସ୍ଥିର ରଖି ଦୁଷ୍ଟତାକୁ ଉନ୍ମୁକ୍ତ ରୂପେ ବିଚରଣ କରିବାକୁ ଦେଇଥାଏ । ଶେଷରେ ତାହାର ମାନମର୍ଦ୍ଦନ କରିଥାଏ ।

ବସ୍ତୁତଃ ଏହି ତୃତୀୟ ନେତ୍ରଟି ସ୍ରଷ୍ଟା ସମସ୍ତଙ୍କୁ ଦେଇଛନ୍ତି । ଯଦି ଏହି ତୃତୀୟ ନେତ୍ର ଖୋଲିଯାଏ ତେବେ ସାମାନ୍ୟ ବୀଜ ରୂପୀ ମନୁଷ୍ୟର ସମ୍ଭାବନାଗୁଡିକ ବଟବୃକ୍ଷର ଆକାର ନେଇପାରେ । ଶିବଙ୍କ ଭଳି ଅନ୍ୟ କେହି ସମ୍ପନ୍ନ ହୋଇଥିବା ବିରଳ, କିନ୍ତୁ ସେ ସମ୍ପନ୍ନତାର କୌଣସି ସାଧନ ନିଜ ପାଇଁ ପ୍ରୟୋଗ କରନ୍ତି ନାହିଁ । ହଳାହଳ (ବିଷ)କୁ କଣ୍ଠରେ ରୋକିଦେଇ ସେ ନୀଳକଣ୍ଠ ହୋଇଗଲେ, ଅର୍ଥାତ୍- ବିଶ୍ୱକଲ୍ୟାଣ ନିମନ୍ତେ ବିପରୀତ ପରିସ୍ଥିତିଗୁଡିକୁ ତ ସ୍ୱୀକାର କଲେ, କିନ୍ତୁ ବ୍ୟକ୍ତିତ୍ୱ ଉପରେ ତାହାର ପ୍ରଭାବ ପଡିବାକୁ ଦେଲେ ନାହିଁ ।

ଭଗବାନ ଶିବଙ୍କୁ ପଶୁପତି କୁହାଯାଇଛି । ପଶୁତ୍ୱର ପରିଧିରେ ଆସୁଥିବା ଦୁର୍ଭାବନା ଓ ଦୁଷ୍ପ୍ରବୃତ୍ତି ଗୁଡିକର ନିୟନ୍ତ୍ରଣ କରିବା ପଶୁପତିଙ୍କ କାମ । ନରପଶୁ ରୂପେ ରହୁଥିବା ଜୀବ ଯେତେବେଳେ କଲ୍ୟାଣକର୍ତ୍ତା ଶିବଙ୍କ ଶରଣକୁ ଆସିଯାଏ, ତ ସହଜରେ ତା'ର ପଶୁତାର ନିରାକରଣ ହୋଇଯାଏ ।

ଶିବ ପରିବାରରେ ମୂଷାର ଶତ୍ରୁ ସର୍ପ, ସର୍ପର ଶତ୍ରୁ ମୟୂର ଏବଂ ମୟୂର ଓ ବଳଦର ଶତ୍ରୁ ସିଂହ ସାମିଲ ହୋଇଛନ୍ତି । ଏହା ସତ୍ତ୍ୱେ ପରିବାରରେ ସାମଞ୍ଜସ୍ୟ ରହିଥାଏ । ଶିବ ପରିବାର ବିପରୀତ ପରିସ୍ଥିତି ଗୁଡିକରେ ସାମଞ୍ଜସ୍ୟ ବଜାୟ ରଖିବାର ଅନୁପମ ସନ୍ଦେଶ ଦେଇଥାଏ ।

'ବୃଷ'ର ଶାବ୍ଦିକ ଅର୍ଥ ଧର୍ମ (ଯାହାକୁ ଆମେ ଧାରଣ କରୁ, ଅର୍ଥାତ୍ ଆମର କର୍ତ୍ତବ୍ୟ) । ଭଗବାନ ଶଙ୍କର ଧର୍ମ ଅର୍ଥାତ୍ କର୍ତ୍ତବ୍ୟ ଗୁଡିକର ବି ଅଧିପତି । ଶିବଙ୍କ ଆରାଧନାରେ କର୍ମକାଣ୍ଡର ଜଟିଳତା ନୁହେଁ, ବରଂ ଭାବନାର ପ୍ରଧାନତା ରହିଛି । ସେ ଅତି ଶୀଘ୍ର ପ୍ରସନ୍ନ ହୋଇଯାନ୍ତି । ଏହି କାରଣରୁ ତାଙ୍କୁ ଆଶୁତୋଷ କୁହାଯାଏ ।

ହଳାହଳ (ବିଷ)କୁ ପାନ କରି ସେ ଯେପରି ଦେବତାମାନଙ୍କୁ ସଂକଟରୁ ରକ୍ଷା କଲେ ଏବଂ 'ନୀଳକଣ୍ଠ' ହୋଇଗଲେ, ସେହିପରି ତାଙ୍କର ଭକ୍ତମାନେ ମଧ ତାଙ୍କର ଅନୁସରଣ କରି ନିଜ କର୍ତ୍ତବ୍ୟଗୁଡିକର ପାଳନ କରିବା ଆବଶ୍ୟକ । ଶିବତତ୍ତ୍ୱକୁ ଜୀବନରେ ଉତାରିନେବା ହିଁ ଶିବ ପ୍ରାପ୍ତ କରିବା ଏବଂ ଏହା ହିଁ ଶିବ ହେବା ହୋଇଥାଏ । ଏହା ମଧ ଆମର ଲକ୍ଷ୍ୟ ହେବା ଉଚିତ ।

## ଆଜିର ଚିନ୍ତନ

ମନୁଷ୍ୟ ଜୀବନରେ ଯେତିକି ମହତ୍ତ୍ୱ ଭୋଜନ, ବସ୍ତ୍ର, ପବନ ଆଉ ପାଣିର ହୋଇଥାଏ, ତାହାଠୁ ଅଧିକ ମହତ୍ତ୍ୱ ଶିକ୍ଷାର ହୋଇଥାଏ । ସେଥିପାଇଁ ଏହା କୁହାଯାଏ ଯେ, ଶିକ୍ଷାର ମାନବ ଜୀବନରେ ବହୁତ ମହତ୍ତ୍ୱ ଥାଏ । ଶିକ୍ଷା ଗୋଟିଏ ଏଭଳି ମାଧ୍ୟମ ଯେଉଁଥିରେ ମନୁଷ୍ୟର ଜ୍ଞାନ ପ୍ରସାର ହୋଇଥାଏ । ମନୁଷ୍ୟ ବୁଦ୍ଧିର ବିକାଶ ଶିକ୍ଷା ଅର୍ଜନ କରିବାରେ ହୋଇଥାଏ । ଶିକ୍ଷା ମାନବ ଜୀବନର ମହତ୍ତ୍ୱପୂର୍ଣ୍ଣ ଅଙ୍ଗ ଅଟେ । ଶିକ୍ଷା ନଥିଲେ ମନୁଷ୍ୟ ଜୀବନର କଳ୍ପନା ମଧ କଠିନ ହେବ । ଶିକ୍ଷା ହିଁ ଆମକୁ ଆଗକୁ କିଛି କରିବା ପାଇଁ ଆବଶ୍ୟକ ହୋଇଥାଏ । ଜୀବନରେ ସଫଳତା ପ୍ରାପ୍ତ କରିବା, ଆଉ କିଛି କରିବା ପାଇଁ ଶିକ୍ଷା ସମସ୍ତଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ସାଧନ ଅଟେ । ଏହା ଆମକୁ ଜୀବନର । କଠିନ ସମୟରେ ବଡ଼ ଆହ୍ୱାନର ସାମ୍ନା କରିବାରେ ସହାୟତା କରିଥାଏ । ସହରରେ ଶିକ୍ଷା ପ୍ରାପ୍ତ କରିବା ସହଜ । କିନ୍ତୁ କ'ଣ ଆପଣ ଗ୍ରାମୀଣ କ୍ଷେତ୍ରରେ ଛୋଟ ଛୁଆଙ୍କ ବିଷୟରେ ଭାବିଛନ୍ତି, ଯେଉଁମାନେ କମ୍ ବୟସରୁ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଭାରତର ଗ୍ରାମୀଣ କ୍ଷେତ୍ରରେ ଶିକ୍ଷାର ମହତ୍ତ୍ୱକୁ ଗୁରୁତ୍ୱ ଦେବା ପାଇଁ ସରକାରଙ୍କ ଦ୍ୱାରା ବହୁତ ଅଭିଯାନ ଚଳାଯାଉଛି । ଏହି ସମାଜରେ ସବୁ ବ୍ୟକ୍ତିଙ୍କ ଠାରେ ସମାନତାର ଭାବ ଆଣିବାକୁ ହେବ ଆଉ ଦେଶର ବିକାଶ ବୃଦ୍ଧି ପାଇଁ ପ୍ରୋତ୍ସାହିତ କରିବାକୁ ହେବ । ଶିକ୍ଷା ମାଧ୍ୟମରେ ରାଷ୍ଟ୍ର ନିର୍ମାଣ ହୋଇଥାଏ । ପ୍ରଥମେ ପଢ଼ିବା ଆଉ ଲେଖିବାର କ୍ଷମତା ଶିଖିବାକୁ ହେବ । ପଢ଼ିବା-ଲେଖିବା ଶିକ୍ଷାର ପ୍ରଥମ ଶିଢ଼ି ଅଟେ । ଅଧିକାଂଶ ବିବରଣୀ ଲିଖିତ ରୂପରେ ହୋଇଥାଏ । ଯଦି ଆପଣଙ୍କଠି ଶିକ୍ଷାର ଅଭାବ ଅଛି ଅଥବା ଲେଖିବା କୌଶଳରେ ଅଭାବ ଅଛି, ତାହେଲେ ଆପଣ ସମାଜକୁ ଦୂରରେ ଅଛନ୍ତି । ସମାଜରେ ହେଉଥିବା ଗତିବିଧ ଠାରୁ ଦୂରରେ ଅଛନ୍ତି । ଶିକ୍ଷା ଲୋକଙ୍କୁ ସାକ୍ଷର ବନେଇଥାଏ । ସବୁଠୁ ବଢ଼ିଆ ରୋଜଗାର ପାଇଁ ଶିକ୍ଷା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଏହା ନିଶ୍ଚିତ ରୂପରେ ଗୋଟିଏ ଜୀବିକା ଜିଇଁବାରେ ଏକ ବଢ଼ିଆ ଅବସର । ଯେତେବେଳେ ଚାକିରୀର କଥା ଆସେ, ସେତେବେଳେ ଅଶିକ୍ଷିତ ଲୋକଙ୍କୁ ବୋଧେ ବହୁତ ଅସୁବିଧା ହୋଇଥାଏ । ଆଜିର ସମାଜରେ ଶିକ୍ଷାର ମହତ୍ତ୍ୱ ବହୁତ ବଢିଯାଇଛି । ଶିକ୍ଷାର ଉପଯୋଗ ଅନେକ ଅଛି । କିନ୍ତୁ ଏହାକୁ ନୂଆ ଦିଗ ଦେବାର ଆବଶ୍ୟକତା ଅଛି । ଶିକ୍ଷା ଏପରି ହେବା ଦରକାର; ବ୍ୟକ୍ତି ନିଜ ପରିବେଶରେ ପରିଚିତ ହୋଇପାରିବ । ନିଜର ରାଷ୍ଟ୍ର, ନିଜର ସଂସ୍କୃତିକୁ ଚିହ୍ନିପାରିବ, ଆଉ ସେହି ଅନୁରୂପ ଚାଲିବ ।

# ଜୀବନରେ ସ୍ୱର୍ଗର ଅବତରଣ

ସ୍ୱର୍ଗ ଓ ନରକ ଏକ ପରିକଳ୍ପନା । ଆମ ନିଜର କର୍ମ ହିଁ ଆମର ସ୍ୱର୍ଗ ଓ ନରକ ସୃଷ୍ଟି କରିଥାଏ । ସଂସାର ଠାରୁ ଭିନ୍ନ କୌଣସି ସ୍ୱର୍ଗ ଅଥବା ନରକ ଅଛି କି କ'ଣ, ଏହାର ଅନୁସନ୍ଧାନ କରିବା ଅପେକ୍ଷା ଆମେ ଆମର ଏଇ ପୃଥିବୀ ଉପରେ ବିଦ୍ୟମାନ ସ୍ୱର୍ଗ-ନରକକୁ ଚିହ୍ନିବା ଏବଂ ସ୍ୱର୍ଗ ପାଇବା ଅଥବା ନରକରୁ ବର୍ତ୍ତିବାର ପ୍ରୟାସ କରିବା ବହୁତ ଉତ୍ତମ ହେବ ।

ସୁଖ-ଶାନ୍ତି, ଆନନ୍ଦ-ମଙ୍ଗଳ, କୁଶଳକ୍ଷେମ ତଥା ପୁଣ୍ୟ ପ୍ରକାଶର ପରିସ୍ଥିତି ହିଁ ସ୍ୱର୍ଗ । ଏହି ସ୍ଥିତିରେ ମନୁଷ୍ୟର ମନ ପ୍ରସନ୍ନ, ଶରୀର ସୁସ୍ଥ ତଥା ଆତ୍ମା ଆନନ୍ଦିତ ରହିଥାଏ । ସେ ସତତ ଉନ୍ନତି କରିଥାଏ । ସେ ସଫଳତା ଗୁଡିକର ଉପଲବ୍ଧି ପାଇ ସଂସାରରେ ପୁଣ୍ୟ ପ୍ରତାପ ବଳରେ କୀର୍ତ୍ତିମାନ ହୋଇ ଅମର ହୋଇଯାଏ ।

ଭୌତିକ ଶରୀରରେ ପ୍ରସନ୍ନ ପରିସ୍ଥିତି ଗୁଡିକ ମଧ୍ୟରେ ନିବାସ କରିବା ହିଁ ସ୍ୱର୍ଗୀୟ ଭୋଗ ଏବଂ ଶେଷରେ ଏଠାରେ ଶରୀର ଠାରୁ ନିର୍ଲିପ୍ତ ହୋଇ ଅମରତ୍ୱ ପାଇଯିବା ହିଁ ସ୍ୱର୍ଗର ସୁଖଦ ପରିଣାମ । ମନୁଷ୍ୟ ଏକ ଜୀବନ ଓ ଜୀବନର ଅର୍ଥ ହେଉଛି ସ୍ୱାସ୍ଥ୍ୟ । ସ୍ୱାସ୍ଥ୍ୟ ସ୍ୱର୍ଗର ପ୍ରଥମ ଓ ମୂଳ ସୋପାନ । ସୁସ୍ଥ ଶରୀର, ପ୍ରସନ୍ନ ମନ ଓ ଆନନ୍ଦିତ ଆତ୍ମାର ତ୍ରିବେଣୀ ହିଁ ପ୍ରକୃତ ସ୍ୱର୍ଗ ।

ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ଥିଲେ ମନୁଷ୍ୟ ମାଟିକୁ ଚିରି ସୁଖର ସ୍ରୋତ ବାହାର କରି ପାରେ, ଆବଶ୍ୟକତାନୁସାର କଠୋର ପରିଶ୍ରମ କରିପାରେ । କ୍ଲାନ୍ତି, ଅଶାନ୍ତ, ଅନିଦ୍ରା ଅଥବା ଅଜୀର୍ଣ୍ଣତା' ପାଖକୁ ଆସିପାରେ ନାହିଁ । ନିରାଶା ଓ ଚିନ୍ତାର ପରିସ୍ଥିତି ତାକୁ ବିଚଳିତ କରିପାରେ ନାହିଁ । ସ୍ୱାସ୍ଥ୍ୟ ଶ୍ରମରେ ଉଦୀପ୍ତ ତା'ର କ୍ଷୁଧା ସାଧାରଣ ଅନ୍ନକୁ ହଜମ କରି ତାକୁ ପରମ ତୃପ୍ତି ପ୍ରଦାନ କରିବାରେ ସମର୍ଥ ହୋଇଥାଏ, ଯଦ୍ଦ୍ୱାରା ତାକୁ ସନ୍ତୋଷ ମିଳିଥାଏ ।

ଏପରି ହେଲେ ଲିପ୍ସା ଓ ଲୋଲୁପତାରୁ ରକ୍ଷା ମିଳେ । ସୁସ୍ଥ ଶରୀର ରତ୍ନଗୁଡିକର ଆନନ୍ଦ, ପ୍ରକୃତିର ସୌନ୍ଦର୍ଯ୍ୟ ଅନୁଭୂତ କରାଇ ସ୍ୱର୍ଗୀୟ ସୁଖ ହିଁ ପ୍ରଦାନ କରିଥାଏ । ଜଳବାୟୁର ପରିବର୍ତ୍ତନ ତା' ଉପରେ ପ୍ରତିକୂଳ ପ୍ରଭାବ ପକାଇ ପାରେ ନାହିଁ । ସୁସ୍ଥ ମନୁଷ୍ୟ ସର୍ବଦା ପ୍ରସନ୍ନ ଓ ପ୍ରମୁଦିତ ରହିଥାଏ । ବ୍ୟଗ୍ରତା-ବିବଶତା ତା' ପାଖି ଦେଇ ଯାଏ ନାହିଁ । ମନୁଷ୍ୟର ମୂଳ ନୀରୋଗ ଅବସ୍ଥାକୁ ହିଁ ସ୍ୱର୍ଗୀୟ ସ୍ଥିତି କୁହାଯାଇପାରେ ।

ପୁଷ୍ଟ ଓ ବଳିଷ୍ଠ ବ୍ୟକ୍ତି ନିରହିଥାଏ । ତାକୁ କୌଣସି ଶତ୍ରୁର ଭୟ ନ ଥାଏ ଓ କୌଣସି ସଂଘର୍ଷ ପ୍ରତି ଚିନ୍ତା ନ ଥାଏ । ସୁସ୍ଥ ମନୁଷ୍ୟର ସ୍ୱଭାବ ସହଜ ରୂପେ ମଧୁର ଓ ସୌଜନ୍ୟପୂର୍ଣ୍ଣ ରହିଥାଏ । ଅକ୍ରୋଧ କାରଣରୁ ସେ ବହୁଧା ଅଜାତଶତ୍ରୁ ରହିଥାଏ । ତଥାପି ଯଦି କୌଣସି ଅକାରଣ ଦ୍ୱେଷୀ ଦୁଷ୍ଟ ତା' ସହିତ ଶତ୍ରୁତା ରଖେ, ତେବେ ସେ ତା'ର ମୁକାବିଲା କରି ପାରିବାର ସାମର୍ଥ୍ୟ ରଖିଥାଏ । ଶଙ୍କା ଅଥବା ଭୟ ତା'ର ରହେ ନାହିଁ । ନିର୍ଭୟତା ସ୍ୱର୍ଗର ଏକ ଉତ୍କୃଷ୍ଟ ଅନୁଭୂତି ଏବଂ ସୁସ୍ଥ ବ୍ୟକ୍ତି ସହଜରେ ତାହାର ଯୋଗ୍ୟ ଅଧିକାରୀ ହୋଇଥାଏ ।

ମନକୁ ଈର୍ଷା, ଦ୍ୱେଷ, କଳହ, କ୍ଲେଶ ତଥା କାମନାଗୁଡିକର କଳୁଷ ଠାରୁ ରକ୍ଷା କରିବା ଉଚିତ । ସଦାଚାର, ସଦ୍ଭାବ ଦ୍ୱାରା ତାହାକୁ ଉଜ୍ଜ୍ୱଳ ଓ ଉନ୍ନତ କରାଇବା ଜରୁରୀ । ପ୍ରସନ୍ନ ବାତାବରଣ ମଧ୍ୟରେ ଶ୍ରେଷ୍ଠ ବ୍ୟକ୍ତିମାନଙ୍କ ସାନ୍ନିଧ ଖୋଜିବା ଦରକାର । କ୍ରୋଧ ଓ ସଂକୀର୍ଣ୍ଣତାର ସୀମା ଭାଙ୍ଗି ସ୍ୱର୍ଗୀୟ କ୍ଷିତିକରେ ବିସ୍ତୃତ ହେବା ଆବଶ୍ୟକ । ଶୁଭ କଳ୍ପନା, ସଦ୍ଭାବନା ଓ ଶିବ ସଂକଳ୍ପ ଗୁଡିକରେ ଏହାକୁ ସମ୍ପନ୍ନ କରାଇବା ଦ୍ୱାରା ଆମର ମନ ଆମ ପାଇଁ ପ୍ରତ୍ୟକ୍ଷ ସ୍ୱର୍ଗ ହୋଇଯିବ । ପୁଣ୍ୟ ପ୍ରୟତ୍ନଗୁଡିକ ଦ୍ୱାରା ପ୍ରସନ୍ନ କରାଯାଇଥିବା କୁଣ୍ଠା ରହିତ ମନ ସ୍ୱର୍ଗ ଓ ବୈକୁଣ୍ଠ ଧାମର ପରିସ୍ଥିତି ଉତ୍ପନ୍ନ କରିଦିଏ ।

ସତ୍ସଙ୍ଗ, ସ୍ୱାଧ୍ୟାୟ, ଚିନ୍ତନ, ମନନ ତଥା ନିଦିଧ୍ୟାସନ ଦ୍ୱାରା ଆତ୍ମା ପ୍ରବୁଦ୍ଧ ହୋଇଥାଏ । ତା' ଉପରେ ପଡିଥିବା କୁସଂସ୍କାରଗୁଡିକର ଆବରଣ ପୁଣ୍ୟ କର୍ମଗୁଡିକ ଦ୍ୱାରା ଜଳି ଯାଏ । ଏହା ସହିତ ଆମେ ପରୋପକାର ଓ ପରମାର୍ଥରେ ଆସ୍ଥା ରଖିବା ଉଚିତ ।

(ଅବଶିଷ୍ଟାଂଶ ୫ମ ପୃଷ୍ଠାରେ)

ବର୍ଷ ୨୮, ସଂଖ୍ୟା - ୯, ୩ - ୯ ମାର୍ଚ୍ଚ ୨୦୨୪

# ନିଶା ନିବାରଣ: ଅତୀତ ଓ ବର୍ତ୍ତମାନ

ଭାରତ ସ୍ୱାଧୀନ ହେବା ପୂର୍ବରୁ ଭାରତକୁ ଏକ ନିଶାମୁକ୍ତ ଦେଶ ଭାବରେ ଗଢ଼ି ତୋଳିବା ପାଇଁ ସ୍ୱପ୍ନ ଦେଖୁଥିଲେ ମହାତ୍ମା ଗାନ୍ଧୀ । ସେ ଉପଲବ୍ଧି କରିଥିଲେ ମଦ ମଣିଷକୁ ବିଭ୍ରାନ୍ତ କରେ, ରୁଗ୍ଣ କରେ, ବିଚାରଶକ୍ତିକୁ ଭ୍ରଷ୍ଟ କରେ, କଳହ ସୃଷ୍ଟିକରେ ଓ ପାରିବାରିକ ଜୀବନକୁ ନଷ୍ଟ କରେ । ଏଣୁ ସେ ନବଜୀବନ, ୟଙ୍ଗଇଣ୍ଡିଆ ଓ ହରିଜନ ଆଦି ପତ୍ରିକାରେ ନିଶା ସେବନର ଭୟାବହ ପରିଣତି ସଂପର୍କରେ ଜନସଚେତନତା ସୃଷ୍ଟି କରିବା ପାଇଁ ଧାରାବାହିକ ଭାବରେ ପ୍ରବନ୍ଧ ଲେଖୁଥିଲେ । ମାତ୍ର ଗାନ୍ଧୀଙ୍କ ବହୁପୂର୍ବରୁ ଓଡ଼ିଶାର ବାମଣ୍ଡା ରାଜ୍ୟର ରାଜା ସାର୍ ବାସୁଦେବ ସୁଢ଼ଳଦେବ ମାଦକଦ୍ରବ୍ୟର ଭୟଙ୍କର ପରିଣତିକୁ ଦୃଷ୍ଟିରେ ରଖି ନିଜ ରାଜ୍ୟକୁ ନିଶାମୁକ୍ତ କରିବା ପାଇଁ ସଂକଳ୍ପ କରି କଠୋର ପଦକ୍ଷେପ ନେଇଥିଲେ ।ରାଜଧାନୀ ଦେବଗଡ଼କୁ କେନ୍ଦ୍ରକରି ଚାରି ପାଖରେ ୧୦ ମାଇଲ ମଧ୍ୟରେ ସୁରାସେବନ ନିଷିଦ୍ଧ କରାଯାଇଥିଲା । ଯେଉଁମାନେ ରାଜାଦେଶ ଅମାନ୍ୟ କରୁଥିଲେ ସେମାନଙ୍କ ପାଇଁ ବେତ୍ରାଘାତ ଦଣ୍ଡର ବ୍ୟବସ୍ଥା ଥିଲା । ଅଫିମ ଗଞ୍ଜାଇ ଓ ସୁରା ଅନେକ ସମୟରେ ଔଷଧ ତିଆରିରେ ବ୍ୟବହୃତ ହେଉଥିଲା । ପୁନଶ୍ଚ କିଛି ଲୋକ ଅଭ୍ୟାସଗତ ନିଶାସକ୍ତ ଥିଲେ, ଯେଉଁମାନେ କୌଣସି ଆଇନ ମାନୁ ନଥିଲେ ଓ ଦଣ୍ଡିତ ହେଉଥିଲେ । ଏଣୁ ରାଜା ନିଶାଦ୍ରବ୍ୟର ଅତି ସୀମିତ ବ୍ୟବହାର ପାଇଁ ବ୍ୟବସ୍ଥା ରଖିଥିଲେ । ନିମ୍ନଶ୍ରେଣୀର ଅଭ୍ୟାସଗତ ସୁରାପାନକାରୀଙ୍କୁ ବର୍ଷକୁ ଥରେ ବା ଦୁଇଥରୁ ପାର୍ବଣ ଉପଲକ୍ଷେ ସ୍ୱଗୃହ ପ୍ରସ୍ତୁତ ସୁରା ସେବନର ଅନୁମତି ଦେଇଥିଲେ । ମାତ୍ର ନିର୍ଦ୍ଦିଷ୍ଟ ଦିନ ପରେ ସେମାନଙ୍କ ଘରେ ସୁରା ମହଜୁଦ ଥିଲେ ସେମାନଙ୍କୁ ରାଜଦଣ୍ଡରେ ଦଣ୍ଡିତ କରାଯାଉଥିଲା । ରାଜା ଥାନାରେ ଅଫିମ ବିକ୍ରିର ବ୍ୟବସ୍ଥା କରିଥିଲେ ।ସେଠାରେ ଅଫିମ ଆସକ୍ତ ଲୋକଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ସେମାନେ ଅତି ସୀମିତ ପରିମାଣର ଅଫିମ ଥାନାରୁ କ୍ରୟ କରୁଥିଲେ । ରାଜା ଭାବୁଥିଲେ, ତାଲିକାଭୁକ୍ତ ଅଫିମ ଆସକ୍ତ ଲୋକେ ମରିଗଲା ପରେ ରାଜ୍ୟ ଅଫିମ ସେବନ ଅପବାଦରୁ ମୁକ୍ତ ହେବ । ଏହାବ୍ୟତୀତ ଅଫିମ ସେବନ କରୁଥିବା ବ୍ୟକ୍ତିଙ୍କୁ ରାଜ୍ୟରେ କୌଣସି ନିଯୁକ୍ତି ଦିଆଯାଉନଥିଲା । ରାଜା ସୁଢ଼ଳଦେବ ନିଶା ନିବାରଣ ଆଇନ କାର୍ଯ୍ୟକାରୀ କରିବାଦ୍ୱାରା ବହୁ ପରିମାଣର ରାଜସ୍ୱ ହରାଉଥିଲେ । ମାତ୍ର ତଦ୍ୱାରା ସେ କେବେ ଦୁଃଖିତ ନଥିଲେ । ସେ ଖୁସି ଥିଲେ ଯେ, ପ୍ରଜାମାନେ ନିଶାଦ୍ରବ୍ୟ କିଣିବା ଅପବ୍ୟୟରୁ ମୁକ୍ତ ହୋଇ ଅନ୍ତତଃ ଦିନକୁ ଦୁଇଓଳି ଦୁଇମୁଠା ଅନ୍ନ ପାଇ ପାରୁଥିଲେ । ରାଜା ସୁଢ଼ଳଦେବଙ୍କ ସହ ମହାତ୍ମା ଗାନ୍ଧୀଙ୍କ କେବେ ସାକ୍ଷାତ ହୋଇନଥିଲା । ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଫେରିବା ବେଳକୁ (୧୯୧୫) ସୁଢ଼ଳଦେବଙ୍କ ମୃତ୍ୟୁ ହୋଇସାରିଥିଲା (୧୯୦୩) । ମାତ୍ର ରାଜାଙ୍କ ମାଦକଦ୍ରବ୍ୟ ସେବନ ପ୍ରତି ଥିବା କଠୋର ଦୃଷ୍ଟିଭଙ୍ଗୀ ପରବର୍ତ୍ତୀ ସମୟରେ ମହାତ୍ମା ଗାନ୍ଧୀଙ୍କଠାରେ ପରିଲକ୍ଷିତ ହୋଇଥିଲା । ମାତ୍ର ତାଙ୍କ ଜନ୍ମର ଶହେ ପଚାଶ ବର୍ଷ ପରେ ମଧ ତାଙ୍କ ସ୍ୱପ୍ନର ନିଶାମୁକ୍ତ ଭାରତ ସମ୍ଭବ ହୋଇପାରିନାହିଁ, ବରଂ ନିର୍ବାଚନରେ ବିଜୟ ଲାଭ କରିବା ପାଇଁ ମଦବଣ୍ଟନ ଏକ ମାଧ୍ୟମ ଭାବରେ ବ୍ୟବହୃତ ହେଉଛି । ପୁଣି ସରକାର ଯୁକ୍ତି କରୁଛନ୍ତି ମଦରୁ ରାଜସ୍ୱ ଆସୁଛି ଓ ତଦ୍ୱାରା ଜନହିତକାର କାର୍ଯ୍ୟ କରାହେଉଛି, ଲାଇସେନ୍ସପ୍ରାପ୍ତ ଦୋକାନରେ ମଦ ବିକ୍ରି ନହେଲେ । ଚୋରାମଦ କାରବାର ବଢ଼ିବ ଓ ସ୍ୱଇଚ୍ଛାରେ ମଦ୍ୟପାନ କରୁଥିବା ଲୋକଙ୍କୁ ଏହି ଅଭ୍ୟାସ ତ୍ୟାଗ କରିବା ପାଇଁ ବାଧ କରିହେବ ନାହିଁ । ମାତ୍ର ଏହି ପ୍ରସଙ୍ଗରେ ଗାନ୍ଧୀଜୀ ୧୯୨୫ ମାର୍ଚ୍ଚ ୧ ତାରିଖ 'ନବଜୀବନ'ରେ ଲେଖିଥିଲେ ଯେ, ମଦ୍ୟପାନ ଏକ ଅପରାଧ ଭାବରେ ବିବେଚିତ ହେବା ଉଚିତ । କାରଣ ଯାହା ଜୀବନ ପାଇଁ କ୍ଷତିକାରକ, ତାର ପ୍ରସ୍ତୁତି ବା ବିକ୍ରି ପାଇଁ କୌଣସି ବ୍ୟକ୍ତିର ଅଧିକାର ନାହିଁ । କୌଣସି ବ୍ୟକ୍ତିକୁ ସ୍ୱାଧୀନତା ନାମରେ ଯେପରି । ଚୋରି କରିବା ପାଇଁ ଛାଡ଼ି ଦିଆଯାଏ ନାହିଁ, ସେପରି ମଦ ପ୍ରସ୍ତୁତି ଓ ବିକ୍ରି ପାଇଁ ମଧ ସ୍ୱାଧୀନତା ଦିଆଯାଇ ନ ପାରେ । ଯେଉଁମାନେ ମଦ ପିଇବେ ସେମାନେ ଆଇନ ଉଲ୍ଲଂଘନ କରୁଛନ୍ତି ଓ ଆଇନ ଅନୁସାରେ ସେମାନେ ଦଣ୍ଡିତ ହେବା ଉଚିତ । ଗାନ୍ଧୀଜୀ ପୁଣି କହିଥିଲେ- ସ୍ୱାଧୀନତାର ଅର୍ଥ ନୁହେଁ ଅନ୍ୟର ଅନିଷ୍ଟ କରିବା ।

କିଛି ଲୋକ ଯୁକ୍ତି କରନ୍ତି- ମଦ ବିକ୍ରିରୁ ଯେଉଁ ରାଜସ୍ୱ ଆସୁଛି ସେଥିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହେଉଛି । ଅନେକ ସ୍କୁଲ, କଲେଜ ଚାଲୁଛି । ଶିକ୍ଷାର ପ୍ରସାର ଘଟୁଛି । ମାତ୍ର ଗାନ୍ଧୀଜୀ ୧୯୨୭ ମସିହାରେ 'ୟଙ୍ଗ୍ ଇଣ୍ଡିଆ'ରେ କହିଥିଲେ 'ଭାରତରେ ଅବକାରୀ ରାଜସ୍ୱ ବୃଦ୍ଧିପାଇଁ ଲକ୍ଷ ଲକ୍ଷ ଲୋକ ମଦ୍ୟପ ହେବା ଅପେକ୍ଷା ଆମ ଦେଶ ନିଜ ପିଲାଙ୍କ ଶିକ୍ଷା ବାବଦ ବ୍ୟୟ ତୁଲାଇ କାଙ୍ଗାଳ ହୋଇଯିବା ବରଂ ଶ୍ରେୟସ୍କର । ପିଲାଙ୍କ ପାଠପଢ଼ା ଖର୍ଚ୍ଚ ସରକାର ଭରଣା କରିବା ପାଇଁ ଦେଶର ପିଲାଏ ମୂର୍ଖ ରହିବାକୁ ମୁଁ ଅଧିକ ପସନ୍ଦ କରିବି । ଅବକାରୀ ଭଳି ଘୃଣିତ ଓ ପାପପୂର୍ଣ୍ଣ ରାଜସ୍ୱ ଆୟଠାରୁ ବଳି ଅଧିକ ଅନୈତିକ ବ୍ୟାପାର ଆଉ କିଛି ନାହିଁ' । ଗାନ୍ଧୀଙ୍କ ମତରେ, ଆର୍ଥିକ କ୍ଷତିଠାରୁ ନୈତିକ ଅଧଃପତନ ବେଶୀ ଗୁରୁତର । ମଦ୍ୟପ ସ୍ତ୍ରୀ, ମାଆ ଓ ଭଉଣୀ ମଧ୍ୟରେ ପାର୍ଥକ୍ୟ ଭୁଲିଯାଏ ଓ ପାପାଚରଣ କରେ । ସେ ବିବେକଭ୍ରଷ୍ଟ ହୁଏ । ଖାଇବା, ପିଇବା ଓ ଆନନ୍ଦ କରିବା ପାଇଁ ବଞ୍ଚି ରହିବା ଜୀବନର ଲକ୍ଷ୍ୟ ନୁହେଁ । ଏହି ଦେହ ହେଉଛି ଈଶ୍ୱରଙ୍କ ମନ୍ଦିର ଓ ମନୁଷ୍ୟ ଜାତିର ମଙ୍ଗଳ ପାଇଁ ତାର ବିନିଯୋଗ କରିବା ପାଇଁ ଯେଉଁ ଖାଦ୍ୟ ଓ ପାନୀୟ ଆବଶ୍ୟକ ତାହା ଗ୍ରହଣ କରିବା ଉଚିତ ବୋଲି ସେ କହୁଥିଲେ । 'ହରିଜନ' ପତ୍ରିକାରେ ବିଭିନ୍ନ ସମୟରେ ନିଶା ନିବାରଣ ସଂପର୍କରେ ତାଙ୍କର ଅନେକ ଲେଖା ପ୍ରକାଶ ପାଇଥିଲା । ଭାରତ ସ୍ୱାଧୀନତା ପାଇବା ପରେ ପ୍ରତ୍ୟେକ ରାଜ୍ୟ ନିଶା ନିବାରଣ ପରି ସଂସ୍କାର କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରୁଥିଲେ । ୧୯୨୪ ଏପ୍ରିଲ ୪ ତାରିଖରେ ଗାନ୍ଧୀଜୀ 'ୟଙ୍ଗ ଇଣ୍ଡିଆ'ରେ ମଦର ଭୟଙ୍କର ପ୍ରଭାବ ସଂପର୍କରେ ସୂଚନା ଦେବାପାଇଁ ଶ୍ରୀକୃଷ୍ଣଙ୍କ ଯଦୁବଂଶ ଧ୍ୱଂସର ଉଦାହରଣ ଦେଇଥିଲେ । ଶ୍ରୀକୃଷ୍ଣଙ୍କ ପୁଅମାନେ ସୁରାପାନ କରି ପରସ୍ପର ମଧ୍ୟରେ କଳହ କଲେ, ଯାହା କ୍ରମେ ଏକ ଭୟଙ୍କର ଯୁଦ୍ଧର ରୂପ ନେଲା ଓ ଶେଷରେ ସମସ୍ତେ ପ୍ରାଣ ହାରିଲେ । ଆଜି ସୁରାପାନ, ଅଫିମ ଓ ଗଞ୍ଜାଇ ସେବନର ଭୟଙ୍କର ପରିଣତି ଆମେ ଦେଖୁଛୁ । ଦୁର୍ଘଟଣା, କଳହ, ଚାରିତ୍ରିକ ସ୍ଖଳନ, ଦୁରାରୋଗ୍ୟ ରୋଗ ଏହି ମାଦକ ଦ୍ରବ୍ୟର ପରିଣତି ବୋଲି ଜାଣି ସୁଦ୍ଧା ସାଂପ୍ରତିକ ସରକାର କେବଳ ରାଜସ୍ୱ ସଂଗ୍ରହ ଉଦ୍ଦେଶ୍ୟରେ ଏହି ସବୁର ବିକ୍ରୟ ଓ ବ୍ୟବହାରକୁ ପ୍ରୋତ୍ସାହନ ଦେଉଛନ୍ତି । ଅଥଚ ଊନବିଂଶ ଶତାବ୍ଦୀର ଶେଷଭାଗରେ ବାମଣ୍ଡା ରାଜ୍ୟର ରାଜା ସାର୍ ବାସୁଦେବ ସୁଢ଼ଳଦେବ ରାଜ୍ୟରେ ନିଶା ନିବାରଣ କରି ଏକ ଆଦର୍ଶ ଶାସନ ପ୍ରତିଷ୍ଠା କରି ପାରିଥିଲେ ।

# ପଶ୍ଚିମ ଜଗତରେ ଖ୍ରୀଷ୍ଟିଆନ୍ ଧର୍ମର ସ୍ଥିତି

**ମହାତ୍ମା ଗାନ୍ଧୀ**



ମୁଁ ଅତ୍ୟନ୍ତ ଦୃଢ଼ଭାବରେ ବିଶ୍ୱାସ କରେ ଯେ ବର୍ତ୍ତମାନର ଇଉରୋପ ଈଶ୍ୱରଙ୍କର ସତ୍ୟ ମର୍ମର କିମ୍ବା ଖ୍ରୀଷ୍ଟିଆନ୍ ଧର୍ମର ଆଦୌ କୌଣସି ପ୍ରତିନିଧି କରୁନାହିଁ । ତାହା ଶଇତାନର ଯାବତୀୟ ଭାବର ହିଁ ପ୍ରତିନିଧି କରୁଛି । ଯେତେବେଳେ ଶଇତାନ ତୁଣ୍ଡରେ ଭଗବାନଙ୍କର ନାମକୁ ଉଚ୍ଚାରଣ କରି ମଞ୍ଚ ଉପରେ ଅବତୀର୍ଣ୍ଣ ହେବାକୁ ଆସେ, ସେତେବେଳେ ତାହାର ସଫଳତାଗୁଡ଼ିକ ତୁଙ୍ଗତମ ସୀମାକୁ ସ୍ପର୍ଶ କରିଥାଏ । ବର୍ତ୍ତମାନ ଇଉରୋପ କେବଳ ନାମକୁ ମାତ୍ର ଖ୍ରିଷ୍ଟିଆନ୍ ହୋଇ ରହିଛି । ବସ୍ତୁତଃ ସିଏ ଧନରୂପୀ ଭଗବାନର ହିଁ ଉପାସନା କରୁଛି । "ଗୋଟିଏ ଓଟ ପଛକେ ଏକ ଛୁଞ୍ଚର କଣା ଭିତର ଦେଇ ସେପାଖକୁ ଚାଲିଯିବ, ମାତ୍ର ଜଣେ ଧନୀ ମନୁଷ୍ୟ କଦାପି ସ୍ୱର୍ଗରାଜ୍ୟରେ ପ୍ରବେଶ କରି ପାରିବ ନାହିଁ । ଯୀଶୁଖ୍ରୀଷ୍ଟ ହିଁ ଏହି କଥାଟିକୁ କହିଥିଲେ । ତାଙ୍କର ତଥାକଥିତ ଅନୁଗାମୀମାନେ ଆପଣାର ପାର୍ଥିବ ସମ୍ପତ୍ତିର ପରିମାଣ ଦ୍ୱାରା ସେମାନଙ୍କର ନୈତିକ ଅଗ୍ରଗତିକୁ ମାପିବାରେ ଲାଗିଛନ୍ତି ।

ପାଶ୍ଚାତ୍ୟ ଜଗତ ବିଷୟରେ ଏପରି ଗୋଟିଏ ବିଚିତ୍ର ମନ୍ତବ୍ୟ କରାଯାଇ ପାରିବ ଯେ, ତାହା ଖ୍ରୀଷ୍ଟିଆନ୍ ଧର୍ମରେ ଦୀକ୍ଷିତ ହୋଇଛି ବୋଲି କହୁଥିଲେ ମଧ ପଶ୍ଚିମ ଜଗତରେ ବର୍ତ୍ତମାନ ଖ୍ରୀଷ୍ଟିଆନ୍ ଧର୍ମ ନାହିଁ କିମ୍ବା ଯୀଶୁଖ୍ରୀଷ୍ଟ ମଧ ନାହାନ୍ତି । କାରଣ, ଯଦି ସେପରି ହୋଇଥାନ୍ତା, ତେବେ କଦାପି ଯୁଦ୍ଧ ଲାଗନ୍ତା ନାହିଁ । ଯୀଶୁଖ୍ରୀଷ୍ଟଙ୍କର ସନ୍ଦେଶକୁ ମୁଁ ଏହିପରି ଭାବରେ ହିଁ ବୁଝିଥାଏ । ପାଶ୍ଚାତ୍ୟ ଜଗତକୁ ଯାଇ ଖ୍ରୀଷ୍ଟିଆନ୍ ଧର୍ମ ବିକୃତ ହୋଇଗଲା । ମୋତେ ଏପରି କହିବାକୁ ପଡୁଥିବାରୁ ମୁଁ ଅତ୍ୟନ୍ତ ଦୁଃଖିତ । ପାଶ୍ଚାତ୍ୟ ପୃଥିବୀରେ ଖ୍ରୀଷ୍ଟିଆନ୍ ଧର୍ମର ଯେପରି ବ୍ୟାଖ୍ୟା କରାଯାଉଛି, ତାହାକୁ ସେହିଭଳି ଭାବରେ ଗ୍ରହଣ ନକରିବାକୁ ହିଁ ମୁଁ ମୋ'ର ଖ୍ରୀଷ୍ଟିଆନ୍ ବନ୍ଧୁମାନଙ୍କୁ ପରାମର୍ଶ ଦେଉଛି । ଆମେ ସମସ୍ତେ ଜାଣିଛୁ ଯେ, ସେଠାରେ ସେମାନେ ଅଭୂତପୂର୍ବ ଭାବରେ ପରସ୍ପର ସହିତ ତକରାଳ କରୁଛନ୍ତି । ଯିଏ ଯାହା କହୁ ପଛକେ, ଯୀଶୁଖ୍ରୀଷ୍ଟ ଜଣେ ଏସିଆବାସୀ ହିଁ ଥିଲେ, ସେ ତଳକୁ ଝୁଲିଥିବା ଆରବୀୟ ପୋଷାକ ପରିଧାନ କରୁଥିଲେ ବୋଲି ବର୍ଣ୍ଣିତ ହୋଇଛି । ସିଏ ତ ବିନମ୍ରତାର ଅବତାର ଥିଲେ । ମୁଁ ଆଶା କରୁଛି ଯେ, ଭାରତବର୍ଷରେ ବାସ କରୁଥିବା ଖ୍ରୀଷ୍ଟିଆନ୍‌ମାନେ ଆପଣାର ଜୀବନରେ ବାଇବେଲ୍‌ର କୁଶବିଦ୍ଧ ଯୀଶୁଙ୍କୁ ହିଁ ବ୍ୟକ୍ତ କରିବେ ଏବଂ ଆପଣାର ରକ୍ତରଞ୍ଜିତ ଆଙ୍ଗୁଳିଗୁଡ଼ିକ ଦ୍ୱାରା ପାଶ୍ଚାତ୍ୟ ଜଗତ ତାଙ୍କର ଯେଉଁପରି ବ୍ୟାଖ୍ୟା କରିଛି, ତାଙ୍କୁ ସେପରି ଭାବରେ ଆଦୌ ଗ୍ରହଣ କରିବେ ନାହିଁ । ପାଶ୍ଚାତ୍ୟ ଜଗତର ସମାଲୋଚନା କରିବା ନିମନ୍ତେ ମୋ'ର କୌଣସି ଅଭିଳାଷ ନାହିଁ । ସେହି ଜଗତର ବହୁସଂଖ୍ୟକ ଗୁଣ ସହିତ ମୁଁ ପରିଚିତ ଅଛି ଓ ସେଗୁଡ଼ିକର ପ୍ରଶଂସା ବି କରିଛି । ମାତ୍ର, ତଥାପି ମୁଁ ଏହି କଥାଟିକୁ ଦର୍ଶାଇ ଦେବାକୁ ବାଧ ହେଉଛି ଯେ, କେବଳ କେତେକ ବ୍ୟକ୍ତି ବଞ୍ଚୁଥିବା ଜୀବନକୁ ଛାଡ଼ିଦେଲେ ଏସିଆର ଯୀଶୁଖ୍ରୀଷ୍ଟଙ୍କୁ ଆଜି ପାଶ୍ଚାତ୍ୟ ଜଗତରେ ଭୁଲଭାବରେ ଉପସ୍ଥାପିତ କରାଯାଉଛି ।

ଖ୍ରୀଷ୍ଟିଆନ୍ ଧର୍ମର ପରୋକ୍ଷ ପ୍ରଭାବ ପଡ଼ି ହିନ୍ଦୁ ଧର୍ମର ଜୀବନ୍ତତା ତ୍ୱରାନ୍ୱିତ ହୋଇଛି । ମାତ୍ର, ଆମ ଭିତରେ ବାସ କରୁଥିବା ଜଣେ ସାଧାରଣ ଖ୍ରୀଷ୍ଟିୟାନ୍ ନିଜ ଜୀବନଟିକୁ ଯେପରି ଭାବରେ ବଞ୍ଚୁଛି ଏବଂ ତାହାର ପ୍ରଭାବ ଯେପରି ଭାବରେ ଆମ ଉପରେ ପଡୁଛି, ଭାରତବର୍ଷରେ ସାଧାରଣତଃ ଖ୍ରୀଷ୍ଟିୟାନ୍ ଧର୍ମର କି ପ୍ରଭାବ ପଡ଼ିଛି, ସେହି ଅନୁସାରେ ତାହାର ବିଚାର କରିବାକୁ ହେବ । ଏହି ପ୍ରଭାବ ଯେ ଅତ୍ୟନ୍ତ ବିନାଶକାରୀ ହୋଇଛି, ମୁଁ ଅତ୍ୟନ୍ତ ଦୁଃଖର ସହିତ ଏହି ମତକୁ ବ୍ୟକ୍ତ କରୁଛି । ମୁଁ ହୁଏତ କହି ପାରିବି ଯେ, ଇତିହାସର ଏକ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ମୁଁ କେବେ ହେଲେ କୌଣସି ଆଗ୍ରହ ପ୍ରକାଶ କରିନାହିଁ । ଯୀଶୁନାମକ ଜଣେ ମନୁଷ୍ୟ ପୃଥିବୀରେ କେବେ ଜୀବନଧାରଣ କରି ନଥିଲେ ଏବଂ ବାଇବେଲର ଧର୍ମ ସନ୍ଦେଶରେ ଯାହାକିଛି କୁହା ଯାଇଥିଲା, ତାହା କେବଳ ତାହାର ଲେଖକଙ୍କର କଳ୍ପନାମାତ୍ର ହିଁ ଥିଲା ବୋଲି କେହି ପ୍ରମାଣ କରିଦେଲେ ମଧ ମୁଁ ସେଥିରେ କୌଣସି ମୂଲ୍ୟ ଦେବି ନାହିଁ । କାରଣ, ଗିରିଶିଖର ଉପଦେଶ ମୋ' ଲାଗି ତଥାପି ସତ୍ୟ ହୋଇ ରହିଥିବ । କେବଳ ଯୀଶୁ ହିଁ ଜଣେ ଦିବ୍ୟପୁରୁଷ ଥିଲେ ବୋଲି ମୁଁ କଦାପି କହିବି ନାହିଁ । କୃଷ୍ଣ, ରାମ, ମହମ୍ମଦ ଅଥବା ଜାରାଥୁଷ୍ଟ୍ର ଯେଉଁଭଳି ଜଣେ ଜଣେ ଦିବ୍ୟ ପୁରୁଷ ଥିଲେ, ଯୀଶୁ ମଧ ଠିକ୍ ସେହିଭଳି ଜଣେ ଦିବ୍ୟ ପୁରୁଷ ଥିଲେ । ସେହିପରି, ବାଇବେଲ୍‌ରେ ଲିଖିତ ପ୍ରତ୍ୟେକଟି ଶବ୍ଦକୁ ମଧ ଈଶ୍ୱରଙ୍କ ଦ୍ୱାରା ଅନୁପ୍ରାଣିତ ହୋଇଥିବା ଶବ୍ଦ ବୋଲି ମୁଁ ଅନୁଭବ କରେନାହିଁ, ଠିକ୍ ଯେପରି ବେଦ କିମ୍ବା କୋରାନ୍‌ରେ ଲିଖିତ ପ୍ରତ୍ୟେକ ଶବ୍ଦକୁ ମୁଁ ସେହିପରି ଅନୁପ୍ରେରିତ ବୋଲି କହେନାହିଁ । ଏହି ଯାବତୀୟ ଗ୍ରନ୍ଥର ସାରାଂଶ ମଧ୍ୟରେ ଉକ୍ତ ଅନୁପ୍ରେରଣା ଅବଶ୍ୟ ରହିଛି, ମାତ୍ର ବିଷୟଗୁଡ଼ିକୁ ଗୋଟି ଗୋଟି କରି ବିଚାର କଲେ ସେଗୁଡ଼ିକରୁ ଅନେକ ବିଷୟରେ ମୁଁ ସେପରି ଅନୁପ୍ରେରଣା ରହିଛି ବୋଲି ଅନୁଭବ କରି ପାରେନାହିଁ । ଗୀତା ଏବଂ କୋରାନ୍ ପରି ମୋ' ଲାଗି ବାଇବେଲ୍ ମଧ ସମାନ ଭାବରେ ଏକ ଧର୍ମପୁସ୍ତକ ହୋଇ ରହିଛି । ସାମ୍ପ୍ରଦାୟିକ ହିସାବ ଅନୁସାରେ ମୁଁ ନିଜକୁ ଜଣେ ଖ୍ରୀଷ୍ଟିୟାନ୍ ବୋଲି ଦାବି କରୁ ନ ଥିଲେ ହେଁ, ଯୀଶୁ ଯେଉଁସବୁ କଷ୍ଟ ସହଜ କରିଥିଲେ, ତାହା ଅହିଂସା ଉପରେ ରହିଥିବା ମୋ'ର ଅନନ୍ତ ବିଶ୍ୱାସର ରଚନାରେ ଏକ ଉପାଦାନ ହୋଇ ଅବଶ୍ୟ ରହିଛି । ସେହି ଅହିଂସା ହିଁ ଐହିକ ତଥା ପାର୍ଥିବ ମୋ'ର ଯାବତୀୟ କାର୍ଯ୍ୟକୁ ପରିଚାଳିତ କରି ନେଉଛି । ମୋ' ପାଇଁ ଯୀଶୁଖ୍ରୀଷ୍ଟଙ୍କର ପ୍ରକୃତରେ କି ତାତ୍ପର୍ଯ୍ୟ ରହିଛି ? ମୋ'ଲାଗି ସେ ମନୁଷ୍ୟ ଜାତି ଲାଭ କରି ଆସିଥିବା ଶିକ୍ଷାଦାତାମାନଙ୍କ ମଧ୍ୟରେ ଜଣେ ଅନ୍ୟତମ ଅଗ୍ରଣୀ ଥିଲେ । ତାଙ୍କର ଅନୁଗାମୀମାନଙ୍କ ନିମନ୍ତେ ସେ ଈଶ୍ୱରଙ୍କର ଏକମାତ୍ର ଜନ୍ମିତ ସନ୍ତାନ ଥିଲେ । ଏହି ବିଶ୍ୱାସଟିକୁ ହିଁ ସ୍ୱୀକାର କରି ପାରେ ବା ପାରେନାହିଁ ବୋଲି ଯୀଶୁଙ୍କର ମୋ' ଜୀବନ ଉପରେ ପ୍ରଭାବ ଅଧିକ କିମ୍ବା ଊଣା ହୋଇଯାଏ କି ? କେବଳ ସେହି କାରଣରୁ କ'ଣ ତାଙ୍କ ଶିକ୍ଷା ତଥା ସିଦ୍ଧାନ୍ତର ସମସ୍ତ ଐଶ୍ୱର୍ଯ୍ୟ ମୋ'ପାଇଁ ନିଷିଦ୍ଧ ହୋଇ ରହିଯିବ ? ମୁଁ ଆଦୌ ଏପରି ବିଶ୍ୱାସ କରି ପାରେନାହିଁ । ମୁଁ 'ଜନ୍ମିତ' ଶବ୍ଦଟିକୁ ଆଧାତ୍ମିକ ଅର୍ଥରେ ଗ୍ରହଣ କରେ । ଅନ୍ୟ କଥାରେ କହିଲେ, ମୁଁ ସେହି କଥାଟିର ଏପରି ବ୍ୟାଖ୍ୟା କରିବି ଯେ, ଯୀଶୁଙ୍କ ନିଜ ଜୀବନରେ ହିଁ ସେ ଭଗବାନଙ୍କର ନିକଟରେ ରହିଥିଲେ ବୋଲି ଅନୁଭବ କରିବାର ଚାବିକାଠି ନିହିତ ହୋଇ ରହିଛି । ସେ ଅତ୍ୟନ୍ତ ଅନନ୍ୟଭାବରେ ଈଶ୍ୱରଙ୍କର ଭାବନା ଏବଂ ବାଣୀକୁ ବ୍ୟକ୍ତ କରିଥିଲେ । ଏହିପରି ଅର୍ଥରେ ହିଁ ମୁଁ ତାଙ୍କୁ ଈଶ୍ୱରଙ୍କର ସନ୍ତାନ ବୋଲି ଅବଶ୍ୟ ସ୍ୱୀକାର କରୁଛି । ମୁଁ ବିଶ୍ୱାସ କରୁଛି ଯେ, ପୃଥିବୀର ବିଭିନ୍ନ ଧର୍ମର ଗୁଣାତ୍ମକତାକୁ ହିସାବ କରିବା ଆଦୌ ସମ୍ଭବ ନୁହେଁ ଏବଂ, ମୁଁ ଏକଥା ମଧ ବିଶ୍ୱାସ କରୁଛି ଯେ, ଏପରି କରିବାଲାଗି ଉଦ୍ୟମ କରିବା ମଧ ଅତ୍ୟନ୍ତ ଅନାବଶ୍ୟକ ଏବଂ କ୍ଷତିକାରକ । ମାତ୍ର, ମୋ' ବିଚାରରେ, ପ୍ରତ୍ୟେକ ଧର୍ମରେ ଏକ ଏକାଭଳି ପ୍ରେରଣାଶକ୍ତି ସାକାର ହୋଇ ରହିଛି । ମନୁଷ୍ୟର ଜୀବନରେ ଏକ ଉତ୍ତୋଳନ ସମ୍ଭବ କରି କାହାକୁ ଏକ ଉଦ୍ଦେଶ୍ୟ ପ୍ରଦାନ କରିବାର ପ୍ରେରକଶକ୍ତି ପ୍ରତ୍ୟେକ ଧର୍ମରେ ରହିଛି । ମୁଁ ଉଲ୍ଲେଖ କରିଥିବା ସେହି ତାତ୍ପର୍ଯ୍ୟ ଏବଂ ଉତ୍କର୍ଷ ଯୀଶୁଙ୍କର ଜୀବନରେ ଅବଶ୍ୟ ରହିଥିବାରୁ, ମୁଁ ବିଶ୍ୱାସ କରୁଛି ଯେ ସେ କେବଳ ଖ୍ରୀଷ୍ଟିଆନ୍ ଧର୍ମର ଏକ ସମ୍ପଦ ନୁହନ୍ତି, ସେ ହେଉଛନ୍ତି ସମଗ୍ର ପୃଥିବୀର, ସବୁ ଜାତି ଏବଂ ସବୁ ସମୂହର ଏକ ସମ୍ପତ୍ତି । ସେହି ଜାତି ଓ ଗୋଷ୍ଠୀମାନେ ଯେଉଁଭଳି ଧ୍ୱଜା, ନାମ କିମ୍ବା ସିଦ୍ଧାନ୍ତର ନିର୍ଦ୍ଦେଶ ତଳେ କାର୍ଯ୍ୟ କରୁଥାନ୍ତୁ କିମ୍ବା ଧର୍ମଟିଏ ମାନୁଥାନ୍ତୁ ପଛକେ, ଅଥବା ସେମାନଙ୍କର ପୂର୍ବପୁରୁଷ ମାନଙ୍କଠାରୁ ଉତ୍ତରାଧିକାରର ସୂତ୍ରରେ ପାଇଥିବା ଗୋଟିଏ ଈଶ୍ୱରଙ୍କର ଉପାସନା କରୁଥାନ୍ତୁ ପଛକେ, ସେହି କଥାରେ ଆଦୌ କିଛିହେଲେ ଯାଏ ଆସେ ନାହିଁ । ଭାରତବର୍ଷରେ କେତେ ଅଜ୍ଞାନ ରହିଛି, କେତେ ଅନ୍ଧବିଶ୍ୱାସ ରହିଛି । ମାତ୍ର, ଆମ ଭିତରେ ଏକ ଗଭୀର ସ୍ତରରେ ଭଗବାନଙ୍କ ଉପରେ ସେହି ବିଶ୍ୱାସଟି ମଧ ରହିଛି, ଧର୍ମ ପ୍ରତି ଏକ ସହଜାତ ପ୍ରବଣତା ରହିଛି । ଯଦି ମହମ୍ମଦ ଆଜି ଭାରତବର୍ଷକୁ ଆସନ୍ତେ, ତେବେ ସେ ତାଙ୍କର ତଥାକଥିତ ଅନେକ ଅନୁଗାମୀଙ୍କୁ ଅନୁଗାମୀ ବୋଲି ଆଦୌ ଗ୍ରହଣ କରନ୍ତେନାହିଁ; ସେ ମୋତେ ଜଣେ ପ୍ରକୃତ ମୁସଲମାନ ବୋଲି ଗ୍ରହଣ କରନ୍ତେ ଠିକ୍ ଯେପରି ଯୀଶୁ ମଧ ମୋତେ ଜଣେ ପ୍ରକୃତ ଖ୍ରୀଷ୍ଟିୟାନ୍ ବୋଲି ଗ୍ରହଣ କରନ୍ତେ ।

# ସ୍ୱର୍ବେଦ

**ମନ ୱାଣୀ ପହୁଁଚ ନହୀଁ, ପ୍ରଜ୍ଞା ଗମ ନହିଁ ପାୟ ।**
**ମନ ମଣ୍ଡଲ କେ ଭୀତରେ, ସକଲ ପନ୍ଥ ଚଲ ଆୟ ॥୧୧॥**

ଭାଷ୍ୟ - ତାହା ମନ, ବାଣୀର ଅପହଞ୍ଚ ସ୍ଥାନ ଯେଉଁଠାକୁ ନା ବୁଦ୍ଧି ଯାଇପାରେ ନା ବିଭିନ୍ନ ସମ୍ପ୍ରଦାୟର ସାଧନ । ସମସ୍ତ ସମ୍ପ୍ରଦାୟ ଜ୍ଞାନ-ମନ-ମଣ୍ଡଳର ଭିତରେ ହିଁ ରହିଛନ୍ତି ।

**ମନ ମାୟା ଅନ୍ତର ଚଲେ, ପଥ ଅସତ୍ୟ ହୈ ସୋୟ ।**
**ଗୁରୁ ଗମ ଚେତନ ଭେଦ ହୈ, ସତ ମାରଗ ପର ସୋୟ ॥୧୨॥**

ଭାଷ୍ୟ - ଯେଉଁ ପଥ ମନ, ମାୟାର ଭିତର ଦେଇ ଚାଲେ ତାହା ଅସତ୍ୟ ମାର୍ଗ ଅଟେ ଓ ଯିଏ ସଦ୍‌ଗୁରୁ ଭେଦ ଦ୍ୱାରା ପ୍ରକୃତିପାର ଗମନ କରେ ତାହା ସତ୍ୟ ମାର୍ଗ ଅଟେ ।

**ଏକ ମାର୍ଗ ପ୍ରଭୁ ମିଲନ କା, ଅନ୍ୟ ଦ୍ୱାର ନହିଁ କୋୟ ।**
**ବ୍ରହ୍ମବିଦ୍ୟା ପରକାଶ ମେଁ, ସହଜ ଯୋଗ ରତ ହୋୟ ॥୧୩॥**

ଭାଷ୍ୟ - ପ୍ରଭୁଭକ୍ତିର ଏକମାତ୍ର ମାର୍ଗ ବ୍ରହ୍ମବିଦ୍ୟା ସହଜ ଯୋଗ ଅଟେ । ତାହାରି ପ୍ରକାଶରେ ଯୋଗଯୁକ୍ତ ହୋଇ ପ୍ରଭୁପ୍ରାପ୍ତି ହୋଇଥାଏ । ଏତଦ୍ ଭିନ୍ନ ଅନ୍ୟ କୌଣସି ମାର୍ଗ ନାହିଁ । ବ୍ରହ୍ମବିଦ୍ୟା ବିହଙ୍ଗମ ମାର୍ଗ ହିଁ ପ୍ରଭୁପ୍ରାପ୍ତିର ପ୍ରକୃତ ଅନୁଭବ ପଥ ଅଟେ ।

**ସଂଚାଲନ ହୈ ସୃଷ୍ଟି କା, ମଣ୍ଡଲ ଅକ୍ଷର ଜାନ ।**
**ପରମ ମୂଲ ଜଡ଼ ଜଗତ ହୈ, ସବ ମେଁ ପୂର୍ଣ୍ଣ ମହାନ ॥୧୪॥**

ଭାଷ୍ୟ - ଅକ୍ଷର ମଣ୍ଡଳରୁ ସୃଷ୍ଟିର ସଂଚାଳନ ହୁଏ । ତାହା ସମସ୍ତ ଜଗତର ମୂଳାଧାର ଅଟେ ଓ ସେହି ମହାନ୍ ଶକ୍ତି ସର୍ବତ୍ର ଏକରସ ପରିପୂର୍ଣ୍ଣ ଅଟେ ।




**ଶୁଦ୍ଧ ଅଶୁଦ୍ଧ ଦୋ ଭେଦ ହୈ, ମନହିଁ ଅୱସ୍ଥା ହୋୟ ।**
**ଇନ୍ଦ୍ରିନ ଯୁକ୍ତ ଅଶୁଦ୍ଧ ହୈ, ଶୁଦ୍ଧ ସୋମରସ ହୋୟ ॥୧୫॥**

ଭାଷ୍ୟ - ଶୁଦ୍ଧ ଏବଂ ଅଶୁଦ୍ଧ - ମନର ଦୁଇଟି ଅବସ୍ଥା । ଇନ୍ଦ୍ରିୟମାନଙ୍କ ସହିତ ମନ ଅଶୁଦ୍ଧ ରହିଥାଏ ଆଉ ଯେତେବେଳେ ସୋମରସ ଆତ୍ମାରେ ପ୍ରବାହିତ ହୁଏ ସେତେବେଳେ ତାହାର ସମ୍ବନ୍ଧରୁ ମନ ପବିତ୍ର ହୋଇଯାଏ । ସୋମରସ ପ୍ରାପ୍ତ ଯୋଗୀର ସମସ୍ତ ଇନ୍ଦ୍ରିୟ ଆଉ ମନ, କଳୁଷରହିତ ହୋଇ ପବିତ୍ର ହୋଇଯାଆନ୍ତି । ସେମାନଙ୍କର ଭିତରେ କୌଣସି ପ୍ରକାରର ବିକାର ଜାଗ୍ରତ ହୁଏନାହିଁ । ସୋମରସ ପ୍ରବାହୀ ଯୋଗୀର ଏହା ମହିମା ଅଟେ ।

**ଶବ୍ଦାମୃତ ମେଁ ଭାଁଗ କର, ଶୀତଲ ମନ ଯହ ହୋୟ ।**
**ହଁସ ଭାୱ ଅନକୂଲ ହୈ, ୱିଘ୍ନ ଦ୍ୱନ୍ଦ୍ୱ ନହିଁ କୋୟ ॥୧୬॥**

ଭାଷ୍ୟ - ଶବ୍ଦାମୃତରେ ସିକ୍ତ ହୋଇ ମନ ଶୀତଳ ହୋଇଯାଏ ଓ ଆତ୍ମା ଅନୁକୂଳ ଅଗ୍ରସର ହୁଏ । ସେଥିପାଇଁ ପ୍ରକୃତି-ବିରୁଦ୍ଧାଚରଣ ନ ହେବା ଯୋଗୁଁ କୌଣସି ପ୍ରକାରର ବିଘ୍ନ ଏବଂ ଅଶାନ୍ତି ଜୀବନରେ ହୁଏ ନାହିଁ । ମନର ସମ୍ବନ୍ଧ ଆଉ ତାହାର ଦୂରାଚାରରୁ ଆତ୍ମାକୁ ନାନା ପ୍ରକାର କଷ୍ଟ ଆଉ ଅନେକ ବିପଦର ସମ୍ମୁଖୀନ ହେବାକୁ ପଡ଼ିଥାଏ ଓ ମନର ଶୁଦ୍ଧି ଅନୁକୂଳ ହେବା ଫଳରେ ସମସ୍ତ କଷ୍ଟ, ସଂକଟ, ଅଶାନ୍ତି ଏବଂ ସମସ୍ତ ବିପତ୍ତି ସ୍ୱତଃ ନଷ୍ଟ ହୋଇଯାଆନ୍ତି ।

**ସୁଧା ପାନ ଶୀତଲ ଭୟା, ଛୁଟା ପୂର୍ୱ ସ୍ୱଭାୱ ।**
**ଅବ ମନ ଆତମ ସାଥ ହୈ, ନହୀଁ ବରାବର ଭାୱ ॥୧୭॥**

ଭାଷ୍ୟ - ବ୍ରହ୍ମାମୃତ ସୋମରସ ପ୍ରାପ୍ତକରି ଏହି ମନ ଶୀତଳ ହୋଇଯାଏ ଓ ତାହାର ପୂର୍ବର ସମସ୍ତ ସ୍ୱଭାବ ଛାଡ଼ିଯାଏ ଆଉ ସେ ସ୍ୱାମୀତ୍ୱ ଭାବକୁ ତ୍ୟାଗକରି ଆତ୍ମା ଅନୁକୂଳ ହୋଇ ନିଜର ସମସ୍ତ ବ୍ୟବହାର କରିଥାଏ । ଆତ୍ମାର ପରବଶ ଅବସ୍ଥାରେ ମନ ଆତ୍ମା ସମାନ ନିଜ ସ୍ୱାମୀ ଭାବରେ ଇନ୍ଦ୍ରିୟମାନଙ୍କ ଦ୍ୱାରା ସଂଘାତ ଉପରେ ରାଜ୍ୟ କରୁଥାଏ । ମାତ୍ର ଯେତେବେଳେ ଅନୁକୂଳ ହୋଇ ଆତ୍ମା ସହିତ ମିଶିଯାଏ ସେତେବେଳେ ଆଜ୍ଞାନୁବର୍ତ୍ତୀ ହୋଇ ଆତ୍ମାର ସମସ୍ତ କାର୍ଯ୍ୟଗୁଡ଼ିକୁ ତାହାର ଅନୁକୂଳ କରଦିଏ । ଏହା ସୋମରସ ପ୍ରାପ୍ତ ଅନୁଭବୀ ଯୋଗୀର ମହିମା ଅଟେ ।

**ଚେତନ ମନ ସୋୟ ନିତ୍ୟ ହୈ, ସଦା ରହେ ଜିୱ ସାଥ ।**
**ଅନୁଭୱ ପରମାନନ୍ଦ କା, ମନ କା ମନ କା ନାଥ ॥୧୮॥**

ଭାଷ୍ୟ - ସେହି ଚେତନ ମନ ନିତ୍ୟ ଅଟେ, ଯାହା ସର୍ବଦା ଜୀବ ସାଥୀରେ ରହିଥାଏ । ଆତ୍ମା ନିଜ ଚେତନ ମନ ଦ୍ୱାରା ପରମାନନ୍ଦଙ୍କର ଅନୁଭବ କରିଥାଏ ।

**ଜିୱନ୍ମୁକ୍ତ ମନ ଶୁଦ୍ଧ ହୈ, ଜଗ ମେଁ ଆୱେ କାମ ।**
**ଶୁଦ୍ଧ ରୂପ ମେଁ ନିତ୍ୟ ମନ, ଅନୁଭୱ ସୁଖ ସତ୍ୟ ନାମ ॥୧୯॥**

ଭାଷ୍ୟ - ଜୀବନ୍ମୁକ୍ତ ଯୋଗୀ ଶୁଦ୍ଧ ମନରେ ସଂସାରରେ ମହାନ୍ କାର୍ଯ୍ୟ କରିଥାଏ । ଆତ୍ମା ଶୁଦ୍ଧ ରୂପରେ ନିତ୍ୟ ଚେତନ ମନରେ ପରମ ପୁରୁଷ ପରମାନନ୍ଦଙ୍କର ଅନୁଭବ ସାକ୍ଷାତ୍‌କାର କରେ ।

**ନିତ୍ୟ ସ୍ୱମନ ନିଜ ରୂପ ମେଁ, ନିତ୍ୟ ବ୍ରହ୍ମ ସୁଖ ଭୋଗ ।**
**ଜଗ ମେଁ ମନ ଅନ୍ତର ରହେ, ମନ କେ ମନ ମେଁ ଯୋଗ ॥୨୦॥**

ଭାଷ୍ୟ - ଆତ୍ମାର ଶୁଦ୍ଧସ୍ୱରୂପରେ ନିତ୍ୟ ଚେତନ ମନ, ନିତ୍ୟ ବ୍ରହ୍ମସୁଖର ଉପଭୋଗ କରିଥାଏ । ଯେତେବେଳେ ଚେତନ ମନର ଜଡ଼ମନ ସହିତ ସମ୍ବନ୍ଧ ସ୍ଥାପିତ ହୁଏ, ସେତେବେଳେ ଇନ୍ଦ୍ରିୟମାନଙ୍କ ଦ୍ୱାରା ମନର ସମ୍ବନ୍ଧରୁ ଆତ୍ମାକୁ ଜଗତର ଜ୍ଞାନ ହୋଇଥାଏ । ଜଡ଼ ମନ ଓ ଚେତନ ମନ ମଧ୍ୟରେ ପାର୍ଥକ୍ୟ ରହିଛି ।

**ସର୍ୱ ଜ୍ଞାନ ତପ ଧର୍ମ ହୈ, ସର୍ୱ କର୍ମ ଜପ ଭାୱ ।**
**ସୁଷମନ ଗତି ସଂଚାର ମେଁ, ସର୍ୱ ସିଦ୍ଧି ଫଲ ପାୱ ॥୨୧॥**

ଭାଷ୍ୟ - ସଦ୍‌ଗୁରୁ ପ୍ରସାଦରୁ ଯେତେବେଳେ କୁଣ୍ଡଳିନୀ ଟଳିଯାଏ ଆଉ ସୁଷ୍ମନା ଗତିକୁ ପ୍ରାପ୍ତ ହୁଏ ସେତେବେଳେ ସମସ୍ତ କର୍ମ, ଜପ, ତପ, ଜ୍ଞାନ, ଧର୍ମ ଏବଂ ସମସ୍ତ ସିଦ୍ଧିଗୁଡ଼ିକର ଫଳ ପ୍ରାପ୍ତ ହୋଇଯାଏ । ଏହା ସୁଷ୍ମନ ସଂଚରଣର ମହତି ମହିମା ଅଟେ । ସୁଷ୍ମନ ହେବା ପରେ ହିଁ ବ୍ରହ୍ମ ସାକ୍ଷାତ୍‌କାର ତଥା ପରମାନନ୍ଦ ପ୍ରାପ୍ତିର ପ୍ରଯତ୍ନ ହୋଇଥାଏ ।

# ପନିପରିବା ଖାଇ ସୁସ୍ଥ ରହନ୍ତୁ

ସମସ୍ତଙ୍କୁ ଭଲ ଭାବେ ଜଣା ଯେ ନିୟମିତ ଭାବେ ଭୋଜନରେ ସବୁଜ ପନିପରିବା ସାମିଲ କରାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ । ଏହା ବାଦ୍ ଲୋକେ ପ୍ୟାକେଟ ଫୁଡ ଓ ଫାଷ୍ଟଫୁଡ୍ ଖାଇବାକୁ ପ୍ରାଧାନ୍ୟ ଦେଇଥାନ୍ତି । ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ କେତୋଟି ପନିପରିବାକୁ ନିଜ ଭୋଜନରେ ସାମିଲ କରାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିବା ସହ କାର୍ଯ୍ୟ କରିବାର କ୍ଷମତା ବଢ଼ିଥାଏ ।



ଗାଜର କେବଳ ଦୃଷ୍ଟି ଶକ୍ତି ବଢ଼ାଇ ନ ଥାଏ ବରଂ ଏଇ ପରିବାଟି ଖାଇଲେ ଶରୀରକୁ ତୁରନ୍ତ ଶକ୍ତି ମିଳେ । ବିଶେଷଜ୍ଞଙ୍କ ମତରେ ୩ଟି ଗାଜର ଖାଇଲେ ୩ କି.ମି ଚାଲିଲେ ମଧ ଥକ୍କା ଲାଗେନି । ଅନେକ ବର୍ଷ ତଳେ ଏହାକୁ ଔଷଧ ଭାବେ ବ୍ୟବହାର କରାଯାଉଥିଲା ।

ସକାଳୁ ଉଠିବା ପରେ ଆଳସ୍ୟ ଭାଙ୍ଗିବା ପାଇଁ ଲୋକେ ଚା କିମ୍ବା କଫି ପାନୀୟ ପିଇଥାନ୍ତି । ଏସବୁ ନ ପିଇ ବରଂ ଗୋଟିଏ ସେଓ ଖାଇ ନିଅନ୍ତୁ । ଦେଖିବେ ଖୁବ୍ ଫୁର୍ତ୍ତି ଲାଗିବ । ନରୱେର ଗବେଷକ ଦଳ ଏହାକୁ ୨୦୦୯ ରେ ପ୍ରମାଣିତ କରିଥିଲେ ।

୨ଟି କଦଳୀ ଖାଇ ବ୍ୟାୟାମ କିମ୍ବା ଜିମ୍ ଯାଆନ୍ତୁ । ୯୦ ମିନିଟ୍ ପର୍ଯ୍ୟନ୍ତ ଥକ୍କା ଲାଗି ନଥାଏ । ବଲିଉଡ ସେଲିବ୍ରିଟିମାନେ ନିଜକୁ ଫିଟ୍ ରଖିବା ପାଇଁ ନିୟମିତ ଭାବେ କଦଳୀ ଖାଇଥାନ୍ତି ।

ଦୈନିକ ଥରୁଟିଏ ସିଝା ଅଣ୍ଡା କିମ୍ବା ଅମଲେଟ ଖାଆନ୍ତୁ । ପିଲା ଠାରୁ ବୟସ୍କ ସମସ୍ତେ ଗୋଟିଏ ଅଣ୍ଡା ନିୟମିତ ଖାଇବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ । ଅଣ୍ଡାରେ ସମସ୍ତ ପୋଷକ ତତ୍ତ୍ୱ ଭରପୁର ଥିବାବେଳେ କେବଳ ଭିଟାମିନ୍ ସି' ନ ଥାଏ ।

# ଜୀବନରେ ସ୍ୱର୍ଗର...

(ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ଏହିପରି ଆମର ବୁଦ୍ଧ ଓ ପ୍ରବୁଦ୍ଧ ଆତ୍ମା ଆମ ଭିତରେ ଲୁଚି ରହିଥିବା ଶତ ଶତ ସ୍ୱର୍ଗକୁ ଆମ ପାଇଁ ପ୍ରତ୍ୟକ୍ଷ ଏବଂ ଉପଲକ୍ଷ୍ୟ କରିଦିଏ ।

ସ୍ୱର୍ଗର ଦ୍ୱିତୀୟ ସୋପାନ ହେଉଛି ପରିବାର । ପରିବାରରେ ପ୍ରେମର ସଞ୍ଚାର ଆବଶ୍ୟକ । ଶ୍ରମ ଓ ସହନଶୀଳତା ବଳରେ କଳହ-କ୍ଳେଶ ପାଖ ମାଡେ ନାହିଁ । ନିଜ ତ୍ୟାଗର ଉଦାହରଣ ଦ୍ୱାରା ପରିବାରର ସଦସ୍ୟମାନଙ୍କ ମଧରେ ତ୍ୟାଗ ଭାବନା ଜାଗ୍ରତ କରି ଶିକ୍ଷାର ପ୍ରସାର କରିବା ଆବଶ୍ୟକ । ସନ୍ତୋଷ ଓ ମିତବ୍ୟୟିତାର ଗୁଣ ଶିଖିବା ଓ ଶିଖାଇବା ଦରକାର । ସାନ-ବଡ ପ୍ରତ୍ୟେକଙ୍କ ମଧରେ ସହମତି ଓ ସମ୍ମତି ରଖିବା ଉଚିତ ।

ପତ୍ନୀବ୍ରତ ଧର୍ମ ସହିତ ଗୃହସ୍ଥର ପ୍ରତ୍ୟେକ ଉଚିତ କର୍ତ୍ତବ୍ୟ ନିର୍ବାହ କରିବା ଆବଶ୍ୟକ । ପ୍ରତ୍ୟେକ ମୂଳ ଆବଶ୍ୟକତା ପୂରଣ କରି ପ୍ରତ୍ୟେକ କୃତ୍ରିମ ଆବଶ୍ୟକତାକୁ ଦୂରେଇ ଦେବା ଦରକାର । ପରିବାରର ସୁଖ-ଶାନ୍ତି ସକାଶେ ଅବାଧ ଶ୍ରମ କରିବା ଏବଂ ପବିତ୍ର ଉପାର୍ଜନରେ ପରିବାରର ପାଳନ କରିବା ହିଁ ସ୍ୱର୍ଗ । ମିଥ୍ୟା, ପ୍ରପଞ୍ଚ ତଥା ଛଳ-କପଟ ପୂର୍ବକ ଉପାର୍ଜନର ଅନ୍ନ ଦ୍ୱାରା ପିଲାମାନଙ୍କ ସଂସ୍କାର ନଷ୍ଟ କରିବା ଠିକ୍ ନୁହେଁ । ଏହିପରି ଭାବରେ ଉତ୍ପନ୍ନ କରାଯାଇଥିବା ପାରିବାରିକ ସୁଖ ପୃଥିବୀ ଉପରେ ସ୍ୱର୍ଗ ଅଟେ ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସେ ଯଦି ସମାଜର ଉପେକ୍ଷା କରି ଅଲଗା ଭାବରେ ନିଜର ସ୍ୱର୍ଗ ବସାଇବାକୁ ଚାହିଁବ ତେବେ ଏହା ତା' ପାଇଁ କଠିନ ଓ ଅନୁଚିତ ହେବ । ଆମ ପାଖରେ ସୁଖ-ସୁବିଧାମାନ ଅଛି ଏବଂ ଆମେ ଯଦି ସେଗୁଡିକୁ କେବଳ ନିଜ ପରିବାରର ସଦସ୍ୟମାନଙ୍କ ସହିତ ଉପଭୋଗ କରିବା, ନିଜର ପଡୋଶୀ ପରିବାରକୁ ପୀଡିତ ହେବାର ଦେଖୁଥିବା, ତାହେଲେ ଆମର ସେହି ସ୍ୱର୍ଗ ପତିତ ହୋଇଯିବ । ସମାଜ ସହିତ ଯଥାସାଧ ମିଳିମିଶି, ବାଣ୍ଟିକୁଣ୍ଟି ଉପଭୋଗ କଲେ ସାଧନ ଓ ସୁବିଧାଗୁଡିକ ମନୁଷ୍ୟକୁ ସ୍ୱର୍ଗୀୟ ଆନନ୍ଦ ଦେଇଥାଏ ।

ଆମର ଧ୍ୟେୟ ହେଉଛି ଯେ ରାଷ୍ଟ୍ର ମଧ ଆମର ପରିବାର । ଆମେ ସମସ୍ତେ ଏକ ରାଷ୍ଟ୍ର । ଆମର ରାଷ୍ଟ୍ରୀୟ ଅସ୍ତିତ୍ୱ ବି ରହିଛି । ଆମର ଦେଶ ତଥା ମାତୃଭୂମି ମଧ ଏକ, ଯାହା ପ୍ରତି ଆମର କର୍ତ୍ତବ୍ୟ ରହିଛି ନିଶ୍ଚୟ । ସେହି କର୍ତ୍ତ ବ୍ୟଗୁଡିକର ପାଳନ ନ କରିବା ଅର୍ଥ ନିଜର ଶାରୀରିକ, ପାରିବାରିକ ତଥା ସାମାଜିକ ସ୍ୱର୍ଗ ସୁଖକୁ କଳଙ୍କିତ କରିବା ।

ମାତୃଭୂମିର ରକ୍ଷା ଓ ତାହାର ଉନ୍ନତି ନିମନ୍ତେ ତ୍ୟାଗ, ବଳିଦାନ ତଥା ତାହାର ଗୌରବ ସକାଶେ ସଦାଚାରର ପାଳନ କରିବା ସ୍ୱର୍ଗୀୟ ସୁଖ ଉପଲବ୍ଧି ଏକ ସାତ୍ତ୍ୱିକ ଉପାୟ । ରାଷ୍ଟ୍ରର ସେବା ଏକ ସାଧନା । ରାଷ୍ଟ୍ରହିତର କାର୍ଯ୍ୟକ୍ରମ ଗୁଡିକରେ ସଚ୍ଚୋଟତା ପୂର୍ବକ ନିଜର ଅଂଶଦାନ କରିବା ଏକ ପବିତ୍ର ସାଧନ, ଯାହାର ଫଳ ସ୍ୱର୍ଗୀୟ ସନ୍ତୋଷ ହିଁ ହୋଇଥାଏ ।

ଏହା ସହିତ ମାନବତାର ଡାକକୁ ନ ଶୁଣିବା ଉଚିତ ନୁହେଁ । ସମ୍ପୂର୍ଣ୍ଣ ମାନବତାରେ ଆତ୍ମୀୟତାର ଭାବନା ରଖିବା ହିଁ ଈଶ୍ୱରଙ୍କର ପ୍ରଧାନ ଅଂଶ ମନୁଷ୍ୟ ପାଇଁ ଶୋଭନୀୟ । ମାନବତାର ଦୁଃଖ ଦୂର କରିବା ସକାଶେ ଯଥାସମ୍ଭବ ତାହାର ସେବା କରୁଥିବା ଏବଂ ତାହା ପାଇଁ କଷ୍ଟ ସହ୍ୟ କରୁଥିବା ମହାପୁରୁଷ ଜୀବନ ସାରା ସ୍ୱର୍ଗୀୟ ଅନୁଭୂତିର ଆନନ୍ଦ ଲାଭ କରି ଯୁଗ ଯୁଗ ପାଇଁ ଯଶସ୍ୱୀ ଶରୀରରେ ଅମର ହୋଇଯାନ୍ତି ।

ଧରାର ସ୍ୱର୍ଗ ପ୍ରାପ୍ତ କରିବା କୌଣସି ବ୍ୟକ୍ତି ପାଇଁ କଠିନ ନୁହେଁ । ସଂଯମ, ସଦାଚାର ତଥା ସଦ୍‌ଭାବନା ରଖୁଥିବା ସଦାଶୟୀ ବ୍ୟକ୍ତି ନିଶ୍ଚିତ ରୂପେ ଏହି ପ୍ରତ୍ୟକ୍ଷ ଓ ଅକ୍ଷୟ ସ୍ୱର୍ଗକୁ ପ୍ରାପ୍ତ କରିପାରିବ । ପ୍ରତ୍ୟେକ ଏହି ସ୍ୱର୍ଗକୁ ପାଇବାର ପ୍ରଯତ୍ନ କରିବା ଦରକାର ଏବଂ ପ୍ରଯତ୍ନ କରି ଅତି କମ୍‌ରେ ତାହାର ଗୋଟିଏ- ଦୁଇଟି ସୋପାନ ଉପରେ ତ ଚଢିଯିବା ଆବଶ୍ୟକ ।

ଏହିପରି ସତ୍କର୍ମ ସ୍ୱର୍ଗର ଅନୁଭୂତି ପ୍ରଦାନ କରିଥାଏ ଏବଂ ଦୁଷ୍କର୍ମ ଓ ଦୁର୍ଭାବନାର ପରିଣାମ ନାରକୀୟ ଯନ୍ତ୍ରଣା ଠାରୁ କମ୍ ହୋଇ ନ ଥାଏ । ଏଣୁ ସଦ୍‌ଭାବ, ସଦ୍‌ବିଚାର ସତ୍କର୍ମ ମାଧମରେ ଆମେ ନିଜ ପରିବାର, ସମାଜ ଓ ରାଷ୍ଟ୍ରରେ ସ୍ୱର୍ଗୀୟ ବାତାବରଣର ନିର୍ମାଣ କରିପାରିବା ଏବଂ ଏପରି ହେଲେ ହିଁ ସ୍ୱର୍ଗର ଅବତରଣ ସମ୍ଭବ ହେବ ।

# ଟିକିଏ ହସନ୍ତୁ

ଯୁବକ ଜଣେ ଝିଅକୁ ଏକ ଲୟରେ ଚାହିଁ ରହିଥାଏ । ଏହା ଦେଖି ଯୁବତୀ ରାଗିକି : କ'ଣ ଏମିତି ଅନେଇଛୁ ?
ଯୁବକ ହଡ଼ବଡ଼େଇକି : ମୁଁ ତୁମ ସୁନ୍ଦର ଚେହେରା ଦେଖି ଭାବୁଥିଲି ତମେ ଯଦି ମୋ ମା' ହେଇଥାନ୍ତ ତା' ହେଲେ ମୁଁ ବି ସୁନ୍ଦର ହେଇଥାନ୍ତି ।

× × × ×

ଝଗଡ଼ା ପରେ ସ୍ୱାମୀ : ସବୁ ଭୁଲ୍ ମୋର । ଗୋଟେ ବୁଝାସୁଝା ବୁଦ୍ଧିମତୀ ଝିଅକୁ ମୋର ବାହା ହେବାର ଥିଲା ।
ସ୍ତ୍ରୀ : ବୁଝାସୁଝା ବୁଦ୍ଧିମତୀ ଝିଅ ଭଲା ତମକୁ କାହିଁକି ବାହା ହେଇଥାନ୍ତା ।
ସ୍ୱାମୀ : ମୁଁ ତ ସେଇ କଥା ପ୍ରମାଣ କରିବାକୁ ଚାହୁଁଥିଲି ।

× × × ×

ପିଣ୍ଟୁ ମୋନାକୁ ଫୋନରେ : ତୁ ବହୁତ ଭଲ ।
ମୋନା : ଥାଙ୍କ ୟୁ ।
ପିଣ୍ଟୁ : ତୁ ଦେଖିବାକୁ ପୁରା ରାଜକୁମାରୀ ପରି ।
ମୋନା : ସତ ! ଥାଙ୍କ ୟୁ ସୋ ମଚ୍ ।
ହେଲେ ତୁ ଏବେ କ'ଣ କରୁଛୁ ?
ପିଣ୍ଟୁ : ବୋର୍ ହେଉଥିଲି ତ ଟିକେ ମଜା କରୁଥିଲି ।



× × × ×

ପଡୋଶୀ ସୀମାକୁ : ତମେ ଗୋଟେ ନୂଆ ହାର ପିନ୍ଧିଛ ବୋଧେ ।
ସୀମା : ହଁ ।
ପଡୋଶୀ : କେତେ ପଡିଲା ।
ସୀମା : ବେଶି ନୁହେଁ, ଦୁଇ ଦିନର ଝଗଡ଼ା, ଗୋଟେ ଦିନର ଅନଶନ, ଦୁଇ ଦିନର ମଉନବ୍ରତ ଓ କିଛିଟା କନ୍ଦାକଟା ପରେ ମିଳିଛି ଏଇ ହାର ।

× × × ×

ପ୍ରେମିକା : କାଲି ନ୍ୟୁ ଇୟରରେ ଆମେ ପାର୍ଟି କରିବା ।
ପ୍ରେମିକା : ନା, ମୋ ସ୍ତ୍ରୀର ଦେହ ଖରାପ ଅଛି । କାଲି ତାକୁ ଡାକ୍ତରଖାନା ନେବାର ଅଛି ।
ପ୍ରେମିକା : ତମେ ବାହା ହେଇଛ, ହେଲେ ମତେ କହି ନ ଥିଲ ? ଧୋକ୍କାବାଜ ।
ପ୍ରେମିକ : ମୁଁ ତ ତମକୁ ଆଗରୁ କହିଥିଲି ଯେ, ମୋ ଘରେ ଗୋଟେ ବଡ଼ ସମସ୍ୟା ଅଛି । ତମେ ବୁଝିପାରିଲ ନି ମୁଁ କ'ଣ କରିବି ?

× × × ×

କମଳ ରାଜୁକୁ : ଗୋଟେ ସିଗାରେଟ୍ ଦେଲୁ ।
ରାଜୁ : ତୁ ତ ପ୍ରମିଜ୍ କରିଥିଲୁ ଏଇ ନୂଆ ବର୍ଷ ଠାରୁ ସିଗାରେଟ୍ ନେବୁନି ।
କମଳ : ମୁଁ ଦୋକାନରୁ ନେବିନି ବୋଲି ପ୍ରମିଜ୍ କରିଥିଲି । ତୋ ଠୁ ତ ନେଇପାରିବି । ଦେ ଜଲଦୀ ଦେ ।

# ପାଣିସିଙ୍ଗଡ଼ାର ଉପକାରିତା

ଜଳ ଓ ସ୍ଥଳଭାଗରେ ଯେତେ ପ୍ରକାର ଉଦ୍ଭିଦ, ଲତା, ଗୁଳ୍ମ, ଆଦି ରହିଛି । ସେଗୁଡ଼ିକର ଚେର, ମୂଳ, ଛାଲି, ଡାଳ, ପତ୍ର, ଫୁଲ ଓ ଫଳ ପ୍ରତ୍ୟେକ ଦ୍ରବ୍ୟ ମାନବ ଶରୀର ପାଇଁ ପ୍ରକୃତିଦତ୍ତ । ସେଗୁଡ଼ିକ ଜୀବନୀୟ ଗୁଣବତ୍ତା ତଥା ଔଷଧୀୟ ଗୁଣରେ ପରିପୂର୍ଣ୍ଣ ରହିଛି । ବିଶ୍ୱର ପ୍ରତ୍ୟେକ ଦେଶ ତଥା ଭାରତର କୋଣାନୁକୋଣେ ଜଳବାୟୁ ଅନୁଯାୟୀ ଏମିତି କେତେ ନିଆରା କିସମର ସ୍ୱାସ୍ଥ୍ୟ ଉପକାରୀ ଖାଦ୍ୟ ଦ୍ରବ୍ୟ ରହିଛି । ଏଗୁଡ଼ିକ ସବୁ ସ୍ଥାନରେ ମିଳିନଥାଏ, ଯାହାକୁ କେତେକ ବ୍ୟକ୍ତି ଜାଣି ନ ଥା'ନ୍ତି କିମ୍ବା ଖାଦ୍ୟରେ ବ୍ୟବହାର କରି ନ ଥା'ନ୍ତି । ସେଥିମଧ୍ୟରୁ ପାଣିସିଙ୍ଗଡ଼ା ଓ ପଦ୍ମନାଡ଼ ଅନ୍ୟତମ । ସ୍ୱାସ୍ଥ୍ୟ ହିତ ପାଇଁ ଏକ ଏକ ବହୁ ଉପକାରୀ ଖାଦ୍ୟ ଅଟେ । ଏ ଦୁଇ ପ୍ରକାର ଦ୍ରବ୍ୟ ଜଳ ମଧ୍ୟରେ ହିଁ ହୋଇଥାଏ ।

ପାଣିସିଙ୍ଗଡ଼ା : ପାଣିସିଙ୍ଗଡ଼ା ସ୍ୱାସ୍ଥ୍ୟ ପାଇଁ ବିଶେଷ ଲାଭଦାୟକ । ଏଥିରେ ପ୍ରଚୁର ପରିମାଣରେ କ୍ୟାଲସିୟମ ରହିଛି, ଯାହା ଆମ ଦାନ୍ତ ଓ ଅସ୍ଥିକୁ ମଜଭୁତ କରିଥାଏ । କେବଳ ସେତିକି ନୁହେଁ, ଏହା ଶରୀରର ଦୁର୍ବଳତା ଦୂର କରିବା, ଗ୍ୟାଷ୍ଟ୍ରିକ୍ ସମସ୍ୟା,



କୋଷ୍ଠକାଠିନ୍ୟ ଦୂର କରିବା ସହ ଅନ୍ତନଳୀକୁ ସଫା ରଖିବାରେ ସାହାଯ୍ୟ କରେ । ତା' ସହ ପାଚନକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ । ପାଣିସିଙ୍ଗଡ଼ାରେ ତନ୍ତୁଜାତୀୟ ପଦାର୍ଥ ଭରି ରହିଛି । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥିବାରୁ ଏହା ଖାଇବା ଦ୍ୱାରା ଟନ୍‌ସିଲ ଓ ଗଳା ସମସ୍ୟା ଦୂର ହୋଇଥାଏ । ସୁନିଦ୍ରା ହେବାରେ ମଧ୍ୟ ସାହାଯ୍ୟ କରିଥାଏ । ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ପାଣିସିଙ୍ଗଡ଼ା ଚରକ ସଂହିତାରେ ପାଣିସିଙ୍ଗଡ଼ା ଏକ ସ୍ୱାଦିଷ୍ଟ, ହଜମ ଶକ୍ତି ବୃଦ୍ଧିକାରକ, ପିତ୍ତ ଓ କଫ ଆମ ଶରୀର ପାଇଁ କେତେ ଉପକାରୀ ତାହା ବର୍ଣ୍ଣନା କରାଯାଇଛି । ଏହା ରକ୍ତଚାପକୁ ମଧ୍ୟ ସନ୍ତୁଳିତ ରଖେ । ଏପରି ସ୍ୱାସ୍ଥ୍ୟ ଉପଯୋଗୀ ପାଣିସିଙ୍ଗଡ଼ାକୁ ଆମେ ଖାଦ୍ୟ ଭାବେ ଖାଇବା ଜରୁରୀ ।

ପଦ୍ମନାଡ଼: ପଦ୍ମନାଡ଼କୁ ଭାଜି ତରକାରି କରି ଖୁଆଯାଏ । ଏହା ଦେଖିବାକୁ ଧଳା । ଏହା ସାଧାରଣତଃ ଜଳାଶୟଗୁଡ଼ିକରେ ରହିଥାଏ । ଆମ ଦେଶର ପଦ୍ମଫୁଲକୁ ପ୍ରାୟତଃ ପୂଜାର୍ଚ୍ଚନାରେ ବ୍ୟବହାର କରାଯାଏ । କିନ୍ତୁ ଏହାର ନାଡ଼ରେ ଅନେକ ପ୍ରକାର ସ୍ୱାସ୍ଥ୍ୟପକାରୀ ଗୁଣ ଭରି ରହିଛି । ଏଥିରେ ଭିଟାମିନ- ସି, ଆଇରନ୍, ଭିଟାମିନ୍-ବି କମ୍ପ୍ଲେକ୍ସ, ପୋଟାସିୟମ, ପ୍ରୋଟିନ ଭରପୂର ହୋଇ ରହିଛି । ଏହା ଆଣ୍ଟି ଅକ୍ସିଡାଣ୍ଟ ଅଟେ । ଏହାକୁ ଖାଦ୍ୟ ଭାବେ ଖାଇବା ଦ୍ୱାରା ଏହା ତ୍ୱଚାକୁ ସୌନ୍ଦର୍ଯ୍ୟ ବଢ଼ାଇବା ସହ କେଶ ବୃଦ୍ଧି ଘଟିବା, ଦେହରୁ ବହୁତ ଝାଳ ନିର୍ଗତ ହେଉଥିଲେ ଏହା ସ୍ୱାଭାବିକ ହେବା ସହ ନାକରୁ କିମ୍ବା ପରିସ୍ରାରେ ରକ୍ତ ପଡୁଥିଲେ ସେଥିରୁ ଉପଶମ ମିଳିବା ବ୍ୟତୀତ ଥଣ୍ଡା କାଶ, କୁଣ୍ଡିଆ, ଚର୍ମ ରୋଗରୁ ଉପଶମ ମିଳିଥାଏ । ମହିଳା ଓ ପୁରୁଷଙ୍କ 'ଯୌନଶକ୍ତି ବୃଦ୍ଧି କରିବା ସହ ଶରୀରର ଖରାପ କୋଲେଷ୍ଟରଲକୁ ନିର୍ଗତ କରାଇବାରେ ସହାୟକ ହୋଇଥାଏ । ଉଚ୍ଚ ରକ୍ତଚାପକୁ ମଧ୍ୟ ଏହା ସନ୍ତୁଳିତ ରଖିଥାଏ । ଏହାକୁ ନିୟମିତ ଖାଇଲେ ତାହା ଆନିମିଆ, ଉତ୍ତମ ରକ୍ତ ସଂଚାଳନ ସହ ଶରୀରରେ ଲୋହିତ ରକ୍ତକଣିକା ମାତ୍ରା ବୃଦ୍ଧି, ଶକ୍ତି ବୃଦ୍ଧିରେ ସହାୟକ ହୋଇଥାଏ । ପଦ୍ମନାଡ଼କୁ ଖାଦ୍ୟ ରୂପେ ଆମେ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ ।

## ଆପଣ ଜାଣନ୍ତି କି ?

- ପୃଥିବୀର ଯଦି ଚନ୍ଦ୍ର ନ ଥାଆନ୍ତା ତା' ହେଲେ ଦିନର ଦୈର୍ଘ୍ୟ ମାତ୍ର ୬ ଘଣ୍ଟା ହୋଇଥାନ୍ତା ।
- କାଉର ସ୍ମୃତିଶକ୍ତି ଅତ୍ୟନ୍ତ ପ୍ରଖର । କାଉ ପ୍ରତ୍ୟେକ ମଣିଷର ଚେହେରା ମନେ ରଖିପାରେ ।
- ମଣିଷ ତିଆରି କରିଥିବା ପ୍ରାୟ ୨୨ ହଜାର ଜିନିଷ ପୃଥିବୀ ଚାରିପଟେ ଘୁରି ବୁଲୁଛି ।



- ପ୍ରଜାପତି ନିଜ ପାଦ ସାହାଯ୍ୟରେ ଖାଦ୍ୟ ଗ୍ରହଣ କରିଥାଏ ।
- ପ୍ରତି ଶତାବ୍ଦୀରେ ପୃଥିବୀରେ ଦିନର ଦୈର୍ଘ୍ୟ ୧.୭ ମିଲି ସେକେଣ୍ଡ ଲେଖାଏଁ ବୃଦ୍ଧି ପାଉଛି ।
- ପୃଥିବୀ ପୃଷ୍ଠରେ ବୃକ୍ଷଲତା ପୂର୍ବରୁ ଛତୁର ସୃଷ୍ଟି ହୋଇଥିଲା ।
- ମହୁ ଏକମାତ୍ର ଖାଦ୍ୟ ଯାହା କେବେ ବି ନଷ୍ଟ ହୋଇଯାଏ ନାହିଁ । ମହୁ ୩ ହଜାର ବର୍ଷ ପର୍ଯ୍ୟନ୍ତ ତାଜା ରହିପାରେ ।
- ସାରା ବିଶ୍ୱରେ ପ୍ରାୟ ୭୫୦୦ ପ୍ରଜାତିର ସେଓ ଚାଷ ହୋଇଥାଏ । ଯଦି ଜଣେ ଦୈନିକ ଗୋଟିଏ ନୂଆ ପ୍ରଜାତିର ସେଓ ଖାଏ ତେବେ ସବୁତକ ପ୍ରଜାତିର ସେଓ ଖାଇବାକୁ ତାକୁ ୨୦ ବର୍ଷ ସମୟ ଲାଗିବ । ଶନି ହେଉଛି ଏକମାତ୍ର ଗ୍ରହ ଯାହା ଘଣ୍ଟାର କଣ୍ଟା ସଦୃଶ ଘୁରିଥାଏ । ପୃଥିବୀର ମୋଟ ଅକ୍ସିଜେନର ୨୦ ପ୍ରତିଶତ ଅମ୍ଳଜାନ ରେନ୍ ଫରେଷ୍ଟରୁ ଉତ୍ପନ୍ନ ହୋଇଥାଏ ।

## ଅଷ୍ଟିଓପୋରୋସିସ୍ ପାଇଁ ଉପକାରୀ ଦହି

ଦହିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ତେବେ ଏହି ତାଲିକାରେ ଆଉ ଏକ ନୂଆ କଥାକୁ ସାମିଲ କରାଯାଇଛି । ଏହାର ଉପକାରୀ ତତ୍ତ୍ୱ ଉପରେ ତର୍ଜମା କରି ୟୁନିଭର୍ସିଟି ଅଫ୍ ଲଣ୍ଡନର ଅସ୍ଥିଶଲ୍ୟ ବିଶେଷଜ୍ଞମାନେ ଏକ କୌତୂହଳପୂର୍ଣ୍ଣ କଥା ଜାଣିପାରିଛନ୍ତି । ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଏହାକୁ ନିୟମିତ ଖାଇଲେ ତାହା ଅଷ୍ଟିଓପୋରୋସିସ୍



ପରି ସମସ୍ୟାରୁ କେତେକାଂଶରେ ଉପଶମ ଦେଇଥାଏ । ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ଦୈନନ୍ଦିନ ଖାଦ୍ୟ ସହ କିଛି ପରିମାଣର ଦହି ଖାଇବାକୁ ଦିଆଯାଇଥିଲା । ଏହାଦ୍ୱାରା ସେମାନେ ଏଭଳି ଯନ୍ତ୍ରଣାରୁ କେତେକାଂଶରେ ଉପଶମ ପାଉଥିବା ଜଣାପଡ଼ିଥିଲା । କେବଳ ସେତିକି ନୁହେଁ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଏହା ବଢ଼ାଇଥାଏ । ଦାନ୍ତକୁ ମଧ୍ୟ ଦୃଢ଼ ରଖେ । ପ୍ରତିଦିନ ଆମେ ଖାଉଥିବା ଖାଦ୍ୟରେ ଦହିକୁ ସାମିଲ୍ କରନ୍ତୁ, ଯାହା ଖାଦ୍ୟକୁ ଠିକ୍ ଭାବେ ହଜମ କରିବାରେ ସାହାଯ୍ୟ କରିବ । ଶରୀରରେ କୋଲେଷ୍ଟେରଲ୍ ଏବଂ ମେଦ ବହୁଳତାକୁ ଏହା କେତେକାଂଶରେ କମାଇଥାଏ ।

## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ମହୁ

ମହୁର ସ୍ୱାଦ କାହାକୁ ବା ଭଲ ନ ଲାଗେ ! ଏହାର ସ୍ୱାଦ ଯେମିତି, ଗୁଣ ବି ସେମିତି । ଏଥିରେ ଥିବା ଔଷଧୀୟ ଗୁଣ ଆମକୁ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ଶରୀରକୁ ସୁସ୍ଥ ଓ ନୀରୋଗ ରଖେ । ବିଶେଷଭାବରେ ଶରୀର ଭିତରେ ରକ୍ତ ସଞ୍ଚାଳନକୁ ସକ୍ରିୟ କରାଇଥାଏ ମହୁ । ତା' ସହ ଓଜନ କମାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଗୋଟିଏ ଲେମ୍ବୁ ରସ ଓ ଏକ ଚାମଚ ମହୁ ମିଶାଇ ପିଇଲେ ତାହା ବେଶ୍ ଉପକାରୀ ସାବ୍ୟସ୍ତ



ହୋଇଥାଏ । ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଭରି ରହିଛି । ଉଚ୍ଚ ରକ୍ତଚାପକୁ କେତେକାଂଶରେ ସନ୍ତୁଳିତ ରଖିଥାଏ । ରକ୍ତହୀନତା ସହ ଜଡ଼ିତ ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର । ଏହାକୁ ସେମାନେ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ । ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ । ସେମାନଙ୍କ ପାଇଁ ଏହା ବରଦାନ ସଦୃଶ । ଘରୋଇ ଉପଚାର ଭାବେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ସେମାନଙ୍କୁ ଆରାମ ମିଳିଥାଏ ।

## ଇନସୁଲିନ୍ ସ୍ତର ସନ୍ତୁଳିତ ରଖେ ପିଆଜ ଶଣ୍ଢା

ପିଆଜ ଶଣ୍ଢାରେ ଭରପୁର ଥିବା ଆଣ୍ଟିଅକ୍ସିଡାଣ୍ଟ ଡିଏନଏକୁ କ୍ଷତି ପହଞ୍ଚାଇବାରୁ ରୋକିଥାଏ । ଏଥିରେ ମିଳୁଥିବା ଭିଟାମିନ୍ ସି' ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ । ଏହାଦ୍ୱାରା ହୃଦରୋଗ ସମ୍ବନ୍ଧିତ ସମସ୍ୟାରୁ



ରକ୍ଷାମିଳେ । ଏହାଛଡ଼ା ପିଆଜ ଶଣ୍ଢାରେ ଥିବା ସଲଫର୍ ଧମନୀ ସହ ଜଡିତ ବିଭିନ୍ନ ସମସ୍ୟାର ଆଶଙ୍କା ମଧ୍ୟ ହ୍ରାସକରେ । ପିଆଜ ଶଣ୍ଢା ସେବନ ଦ୍ୱାରା ଇନସୁଲିନ୍ ସ୍ତର ସନ୍ତୁଳିତ ରହିଥାଏ । ଏହା ଶରୀରକୁ କ୍ରିୟାଶୀଳ କରିଥାଏ ।

## ସୁନିଦ୍ରା ପାଇଁ ସାଲାଡ଼

ଆପଣ ପ୍ରତିଦିନ ନିଦ୍ରାଜନିତ ସମସ୍ୟା ନେଇ ଚିନ୍ତିତ କି ? ଯଦି ହଁ, ତେବେ ଏହାର ସମାଧାନ କରିବାର ସହଜ ଉପାୟ ହାତ ପାଆନ୍ତାରେ ରହିଛି । ବାସ୍, ରାତ୍ରିଭୋଜନରେ ସାଲାଡ ସାମିଲ କରନ୍ତୁ । ସଦ୍ୟତମ ଗବେଷଣାରୁ ଏଭଳି ରୋଚକ ତଥ୍ୟ ଜଣାପଡିଛି । ସିଡନୀ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ସାଲାଡର ଉପକାରୀ ଗୁଣ ଉପରେ ଗବେଷଣା କରି ଏଭଳି କଥା ଜାଣିବାକୁ ପାଇଛନ୍ତି । ସାଲାଡରେ



ଲେକ୍ଟୁଟୋରିୟମ' ନାମକ ତତ୍ତ୍ୱ ରହିଛି, ଯାହା ଶରୀରକୁ ଆହୁରି ଫୁର୍ତ୍ତି ରଖିବାରେ ସହାୟତା କରିଥାଏ । ଏହାଦ୍ୱାରା ମନ ହାଲୁକା ହେବା ସହ ଭଲ ନିଦ ହୋଇଥାଏ । ଏପରି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ କିଛି ବ୍ୟକ୍ତିଙ୍କୁ ସେମାନଙ୍କର ରାତ୍ରିଭୋଜନରେ ସାଲାଡ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । ଏହାସହ ରାତ୍ରିଭୋଜନରେ ସେମାନେ ହାଲୁକା ଖାଦ୍ୟ ମଧ୍ୟ ଖାଇଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ନିଦ୍ରାଜନିତ ସମସ୍ୟା କେତେକାଂଶରେ ଦୂର ହୋଇଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

## କହିପାରିବେ କି ?

(୧) ଅମିତାଭ୍ ବଚ୍ଚନ ଓ ଋଷି କପୁର ଏକାଠି ଅଭିନୟ କରିଥିବା ପ୍ରଥମ ଚଳଚ୍ଚିତ ନାମ କ'ଣ ?
(୨) କେଉଁ ଟେଷ୍ଟ କ୍ରିକେଟର ଉଭୟ ଭାରତ ଓ ଇଂଲଣ୍ଡ ପାଇଁ ଖେଳିଛନ୍ତି ?
(୩) ଡେଭିସ୍ କପ୍‌ର ପ୍ରକୃତ ନାମ କ'ଣ ?
(୪) ପୃଥ୍ୱୀ ସଙ୍କ ପୂର୍ବରୁ କେଉଁ ଭାରତୀୟ ପ୍ରଥମ ଖେଳାଳୀ ଟେଷ୍ଟ ଡେବ୍ୟୁରେ ଶତକ କରିଥିଲେ ?
(୫) କେଉଁ କିମ୍ବଦନ୍ତୀ କ୍ରିକେଟର ଏବଂ ପୂର୍ବତନ ଶ୍ରୀଲଙ୍କା ଅଧିନାୟକଙ୍କ ଉପରେ ଆଇସିସି ଏଣ୍ଟି କରପସନ କୋର୍ଡ ଲାଗୁ କରିଥିଲା ?
(୬) ଭୁବନେଶ୍ୱରର କେଉଁ ମନ୍ଦିରରେ ନିର୍ଦ୍ଦିଷ୍ଟ କୌଣସି ଠାକୁର ପୂଜା ପାଆନ୍ତି ନାହିଁ ?
(୭) ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ କିଏ ?
(୮) ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ସ୍ଥାୟୀ ଚେୟାରମେନ୍ କିଏ ?
(୯) କାହା ପାଇଁ ସଲମନ୍ ଖାନ୍ ବଡି ଚଳଚ୍ଚିତ୍ର ନିର୍ମାଣ କରିଥିଲେ ?
(୧୦) ମଣି କର୍ଣ୍ଣିକା ଚଳଚ୍ଚିତ୍ରର ମୁଖ୍ୟ ନାୟିକା କିଏ ?

### JUMBLE WORDS

| | | | |
|---|---|---|---|
| 1) FEULUS | = | 6) NUHDO | = |
| 2) GAAED | = | 7) TURFI | = |
| 3) EMCOA | = | 8) TAALOF | = |
| 4) NESIUG | = | 9) FIREYV | = |
| 5) THORET | = | 10) WNRAD | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. କଭି କଭି, ୨.ଇଫ୍‌ତିକାର ଅଲ୍ଲୀ ଖାନ୍ ପଟୌଦି, ୩.ଇଣ୍ଟରନ୍ୟାସନାଲ ଲନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ, ୪.ରୋହିତ ଶର୍ମା, ୫.ସନତ୍ ଜୟଶୁରିଆ, ୬.ରାଜାରାଣୀ ମନ୍ଦିର, ୭.ହରେକୃଷ୍ଣ ମହତାବ, ୮.ପୁରୀ ଗଜପତି ମହାରାଜ, ୯.ଶୋରା, ୧୦. କଙ୍ଗନା ରଣାଓ୍ୱତ ।

***Jumble Words*** ର ଉତ୍ତର :-

(1) VISTA (2) UNWISE (3) FERRET (4) MOUTH (5) WEARY (6) COFFEE (7) FIRMLY (8) QUOTA (9) GROUP (10) LIQUID

# ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉନ୍ମୋଚନ କରିଲେ 'ପ୍ରୋଜେକ୍ଟ ଓଡିସର୍ଭ'






ସମ୍ବଲପୁର : ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ (ଏମ୍‌ଏସ୍ଡିଇ) ଏବଂ ବଜାଜ ଫିନସର୍ଭ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍ ଏସ୍ ଡିସି) ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ସେମାନଙ୍କର ପ୍ରଥମ ଦକ୍ଷତା ବିକାଶ କାର୍ଯ୍ୟକ୍ରମ 'ପ୍ରୋଜେକ୍ଟ ଓଡିସର୍ଭ' ଆରମ୍ଭ କରାଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରୋଜେକ୍ଟ ଓଡିସର୍ଭ'କୁ ଉଦ୍‌ଘାଟନ କରିଛନ୍ତି । ବଜାଜ ଫିନସର୍ଭର ସାର୍ଟିଫିକେଟ୍ ପ୍ରୋଗ୍ରାମ ଫର୍ ବ୍ୟାଙ୍କି ଫାଇନାନ୍ସ ଆଣ୍ଡ ଇନସୁରାନ୍ସ (ସିପିବିଏଫଆଇ) କାର୍ଯ୍ୟକ୍ରମ ଜରିଆରେ ଏହି ପ୍ରକଳ୍ପ ସ୍ନାତକମାନଙ୍କୁ ବିଶେଷକରି ସଦ୍ୟ-ସ୍ନାତକମାନଙ୍କୁ ଜ୍ଞାନ ଏବଂ ଦକ୍ଷତା ପ୍ରଦାନ କରିବ । ସିପିବିଏଫଆଇ ହେଉଛି ଏକ ୧୦୦ ଘଣ୍ଟିଆ ସଂପୂର୍ଣ୍ଣ ତାଲିମ କାର୍ଯ୍ୟକ୍ରମ ଯାହାକି ଆର୍ଥିକ ସେବା କ୍ଷେତ୍ରରେ ନିଯୁକ୍ତି ପାଇଁ ଟିୟର-୨ ଓ ଟିୟର-୩ ସହରର ଯୁବପିଢିଙ୍କୁ ପ୍ରସ୍ତୁତ କରିବ ।

ସମ୍ବଲପୁର, ଢେଙ୍କାନାଳ, ଅନୁଗୁଳ, କଟକ, ଖୋର୍ଦ୍ଧା, ବାଲେଶ୍ୱର ଓ ପୁରୀ ସମେତ ରାଜ୍ୟର ୧୧ଟି ସହର ଓ ୧୦ଟି ଜିଲ୍ଲାର ୬୦ଟି କଲେଜରେ ସିପିବିଏଫ୍‌ଆଇ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପ୍ରୋଜେକ୍ଟ ଓଡିସର୍ଭ ଲକ୍ଷ୍ୟ ରଖିଛି । ଏଥିରେ ଭୁବନ ମହିଳା ଡିଗ୍ରୀ କଲେଜ ମଠକରଗୋଲା ଡିଗ୍ରୀ କଲେଜ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ଏସସିଏସ କଲେଜ ଅନ୍ତର୍ଭୁକ୍ତ ଅଛନ୍ତି । ଏସବୁ କଲେଜ ମଧ୍ୟରୁ ସିପିବିଏଫଆଇ ଏବେସୁଦ୍ଧା ୩୦ଟି କଲେଜରେ ଆରମ୍ଭ ହୋଇସାରିଛି, ଯେଉଁଥିରେ ୧୧୦୦ ଛାତ୍ରଛାତ୍ରୀଙ୍କ ନାମ ଲେଖା ଯାଇଛି ଏବଂ ମାତ୍ର ଦୁଇ ମାସର ସମୟ ମଧ୍ୟରେ ୨୫୦୦୦ ଘଣ୍ଟାର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଏନଏସଡିସି ଏବଂ ବଜାଜ ଫିନସର୍ଭର ଏହି ଭାଗିଦାରୀ ଅଧୀନରେ ଭାରତର ୨୨ଟି ରାଜ୍ୟରେ ୪୦୦ରୁ ଅଧିକ କଲେଜରେ ସିପିବିଏଫଆଇ କାର୍ଯ୍ୟକ୍ରମ ଆରମ୍ଭ କରିବ । ସିପିବିଏଫଆଇ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାରମ୍ଭିକ ଭାବେ ୨୦,୦୦୦ ପ୍ରାର୍ଥୀଙ୍କ ଦକ୍ଷତା ବୃଦ୍ଧି କରିବା ଏହି ଭାଗିଦାରୀର ଲକ୍ଷ୍ୟ । ଶିଳ୍ପ ବିଶେଷଜ୍ଞ, ପ୍ରଶିକ୍ଷଣ ସହଯୋଗୀ, ଶିକ୍ଷାନୁଷ୍ଠାନ ଏବଂ ମାନସିକ ସ୍ୱାସ୍ଥ୍ୟ ଅନୁଷ୍ଠାନର ମିଳିତ ସହଯୋଗରେ ଏହି ୧୦୦ ଘଣ୍ଟିଆ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି ।

ଏହି କାର୍ଯ୍ୟକ୍ରମର ପାଠ୍ୟକ୍ରମରେ ଅର୍ଥ ବ୍ୟାଙ୍କିଙ୍ଗ୍ ଏବଂ ବୀମାର କ୍ଷେତ୍ରର ପରିବର୍ତ୍ତିତ ପରିସ୍ଥିତି ସହ ଖାପ ଖୁଆଇଥାଏ ଏବଂ ଅତ୍ୟାଧୁନିକ ଶିଳ୍ପ ଧାରା, ବୈଷୟିକ ଉନ୍ନତି ଏବଂ ସର୍ବୋତ୍ତମ ଅଭ୍ୟାସକୁ ଅନ୍ତର୍ଭୁକ୍ତ କରିଥାଏ । ଏନଏସଡିସି ସହ ଭାଗିଦାରୀକୁ 'ସ୍କିଲ ଇଣ୍ଡିଆ ଡିଜିଟାଲ ହବ୍ (ଏସଆଇଡିଏଚ୍) ମାଧ୍ୟମରେ ଉନ୍ନତ କରାଯିବ, ଯାହାକି ସରକାରଙ୍କ ନେତୃତ୍ୱାଧୀନ ସମସ୍ତ ଦକ୍ଷତା ଏବଂ ଉଦ୍ୟୋଗମୂଳକ ପଦକ୍ଷେପ ପାଇଁ ଏକ ବିସ୍ତୃତ ସୂଚନା ଦ୍ୱାର ଯାହା ଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ଶିକ୍ଷାଗତ ଭାବରେ ଯୋଗ୍ୟ ହେବା ସହ ଆର୍ଥିକ କ୍ଷେତ୍ରରେ ବି ଉତ୍କୃଷ୍ଟତା ହାସଲ କରିପାରିବେ ।

ଏହାବ୍ୟତୀତ, ଏହି କାର୍ଯ୍ୟକ୍ରମ ବ୍ୟାଙ୍କ ଏବଂ ଅନ୍ୟ ଆର୍ଥିକ ଅଂଶୀଦାର, ଆର୍ଥିକ ଅନୁଷ୍ଠାନ, ବୀମା କମ୍ପାନୀମାନଙ୍କ ସହିତ ସହଯୋଗ କରି ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ଅଭିବୃଦ୍ଧି ସୁଯୋଗ ସୃଷ୍ଟି କରିବ ଏବଂ ଇଣ୍ଟର୍ଣ୍ଣସିପ୍, ଚାକିରିରେ ଥାଇ ପ୍ରଶିକ୍ଷଣ ଏବଂ ସର୍ବୋତ୍ତମ ଶିଳ୍ପ କାର୍ଯ୍ୟଗୁଡ଼ିକର ପ୍ରତ୍ୟକ୍ଷ ଅଭିଜ୍ଞତା ପ୍ରଦାନ କରିବ ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ କେତେଜଣଙ୍କୁ ନିଯୁକ୍ତି ଅଫର ଲେଟର ବଣ୍ଟନ କରିଥିଲେ । ସେହିପରି ବଜାଜ୍ ଫିନସରର୍ଭ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଏମ.ଓ.ୟୁରେ କମ୍ପାନୀର ପୁସ୍ ଇରାନୀ ଓ ବିଶ୍ୱବିଦ୍ୟାଳୟର ଉପ କୁଳସଚିବ ଡକ୍ଟର ଉମାଚରଣ ପତି ସ୍ୱାକ୍ଷର କରିଥିଲେ । ଜି.ଏମ୍.ୟୁର କୁଳପତି ପ୍ରଫେସର ଏନ୍.ନାଗାରାଜୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ.ଏସ୍.ଡି.ସି ସିଇଓ ବେଦମଣି ତିୱାରୀ ଓ ରେଙ୍ଗାଲି ବିଧାୟକ ନାଉରୀ ନାୟକ ଉପସ୍ଥିତ ଥିଲେ ।

# ବେଲପାହାଡ଼ରେ ଲୋକାର୍ପିତ ହେଲା ସ୍ମାର୍ଟ ପାର୍କ



ଝାରସୁଗୁଡ଼ା: ବେଲପାହାଡ଼ ପୌର ପରିଷଦ ପକ୍ଷରୁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ହୋଇଯାଇଛି । ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବେଲପାହାଡ଼ ସହରରେ ସିସିଟିଭି ସଂଯୋଗ ପ୍ରକଳ୍ପର ଲୋକାର୍ପଣ, ବେଲପାହାଡ଼ ଶନି ମନ୍ଦିରରୁ ସୁଖାବନ୍ଧ ଦେଇ ଛୁଆଲିବେର୍ଣ୍ଣା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟର ଶିଳାନ୍ୟାସ କରିବା ପରେ ମିର୍ଜାଡେରା ଠାରେ ନବନିର୍ମିତ ସ୍ମାର୍ଟ ପାର୍କରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ମାର୍ଟ ପାର୍କ ପ୍ରକଳ୍ପକୁ ଲୋକାର୍ପିତ କରିଛନ୍ତି । ଏଥିରେ ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ, ପୌର ଉପାଧ୍ୟକ୍ଷା ରୀନା ସୁନା, ପୌର ନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ, ଲଖନପୁର ତହସିଲଦାର ସଦାକର କୁମ୍ଭାର, ଟିଆରଏଲ୍ କ୍ରୋସାକିର ବରିଷ୍ଠ ଅଧିକାରୀ ଡକ୍ଟର ସନ୍ତୋଷ ମିଶ୍ର, ପ୍ରମୁଖ ସାମିଲ ଥିଲେ । ଏହି ପାର୍କର ରକ୍ଷଣାବେକ୍ଷଣ, ଆହୁରି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ଶିଶୁଙ୍କ ପାଇଁ ଟଏ ଟ୍ରେନ ସୁବିଧା, ମହିଳା ଗୋଷ୍ଠୀ ଦ୍ୱାରା କେଫେର ବ୍ୟବସ୍ଥା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ଅବୋଲି ସୁନୀଲ ନରୱଣେ ସୂଚନା ଦେଇଥିଲେ । ବେଲପାହାଡ଼ ପୌର ଯନ୍ତ୍ରୀ ମନୋଜ ପାତ୍ର, କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ କିଶାନ, ମୁଖ୍ୟ ସହାୟକ ଗୋବିନ୍ଦଚନ୍ଦ୍ର ଗୁରୁ, କର୍ମଚାରୀ ବିରେନ ମିତ୍ର ବେହେରା, ଶୈଳେଶ ବହିଦାର, ଗୁରୁଦେବ ପ୍ରଧାନ, ଡ଼ା. ଦିଲୀପ ନାଏକ, ଦୟାନିଧି ଖମାରୀ, ଅକ୍ଷୟ ସାହୁ, ସୌମ୍ୟ ବିଶ୍ୱ ରଞ୍ଜନ ମହାଲି, ବାସନ୍ତୀ ପ୍ରଧାନ, ଅଲିଭା ତାଣ୍ଡି, ଅନୁସୂୟା ପଟେଲ, ବିକାଶ ପାତ୍ର, ସୁମିତ ମହାପାତ୍ର, ଅବଦୁଲ ଇବ୍ରାହିମ୍, ତପନ ମିଶ୍ର, ଦୀପକ ଚୌଧୁରୀ, ଦିଲୀପ ଜେନା, ବିନୋଦ ଜେନା, ପଙ୍କଜ ଲୋଚନ ସାହୁ, ଉଦ୍ଧବ ଲାଲ ବାରିକ ସହଯୋଗ କରିଥିଲେ ଓ ଗୁରୁଦେବ ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ରୀନା ସୁନା ଧନ୍ୟବାଦ ଅର୍ପଣ କରିଥିଲେ ।

# ସନ୍ତୋଷ ନନ୍ଦଙ୍କ ପରଲୋକ

ସମ୍ବଲପୁର : ସ୍ଥାନୀୟ କମଲି ବଜାର ଠାରେ ଥିବା ଆନନ୍ଦ ହୋଟେଲର ମାଲିକ ସନ୍ତୋଷ କୁମାର ନନ୍ଦଙ୍କ ଭୁବନେଶ୍ୱରରେ ପରଲୋକ ହୋଇଯାଇଛି । ଗତ କିଛି ଦିନ ହେଲା ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ । ଜଣେ



ସ୍ନେହୀ ଓ ପରୋପକାରୀ ବ୍ୟକ୍ତି ଭାବରେ ସେ ବେଶ ଜଣାଶୁଣା ଥିଲେ । ଗରିବ ଓ ଅସହାୟ ଲୋକଙ୍କୁ ସେ ସବୁ ବେଳେ ସାହାଯ୍ୟ ଓ ସହଯୋଗ କରିବା ସହିତ ମାଗଣା ଭୋଜନ ପ୍ରଦାନ କରୁଥିଲେ । ସ୍ୱର୍ଗତ ନନ୍ଦ ବିଶିଷ୍ଟ ସମାଜସେବୀ ତଥା ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡର ପୂର୍ବତନ ସଭ୍ୟ ତଥା 'ସମ୍ବଳ'ର କାର୍ଯ୍ୟକର୍ତ୍ତା ସଞ୍ଜୀବ ନନ୍ଦଙ୍କ ବଡ଼ଭାଇ ଥିଲେ ।

# ଲଖନପୁରରେ ହେବ ଆମୋନିଅମ୍ ନାଇଟ୍ରେଟ୍ କାରଖାନା

ଝାରସୁଗୁଡ଼ା : ଜିଲ୍ଲାରେ ଥିବା ମହାନଦୀ କୋଲଫିଲ୍ ଲିମିଟେଡ୍‌ର ଲଖନପୁର ଅଞ୍ଚଳରେ ଏକ ଆମୋନିଅମ୍ ନାଇଟ୍ରେଟ୍ କାରଖାନା ସ୍ଥାପନ କରିବା ଲାଗି ଦୁଇ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଲ୍ ଇଣ୍ଡିଆ ଓ ଭେଲ୍ ମଧ୍ୟରେ ଯୌଥ ଉଦ୍ୟୋଗ ବୁଝାମଣା ସ୍ୱାକ୍ଷର ହୋଇଛି । ଏହି କାରଖାନାର ଉତ୍ପାଦନ କ୍ଷମତା ୬.୬୦ ଲକ୍ଷ ଟନ୍ ହୋଇଥିବା ବେଳେ ସେଥିପାଇଁ ୧.୩ ନିୟୁତ ଟନ୍ କୋଇଲା ଆବଶ୍ୟକ ହେବ । କୋଲ୍ ଇଣ୍ଡିଆ କୋଇଲା ଯୋଗାଣ କରିବ ଏବଂ ଭେଲ୍ ଏଥିପାଇଁ ପ୍ରେସରାଇଜଡ୍ ଫ୍ଲୁଇଡ୍ ବେଡ୍ ଗ୍ୟାସିଫିକେସନ (ପିଏଫ୍‌ବି) ପ୍ରଯୁକ୍ତି ଆଣିବ । ଏହି କାରଖାନାରେ ଦୈନିକ ୨୦୦୦ ଟନ୍ ଆମୋନିଅମ୍ ନାଇଟ୍ରେଟ୍ ଉତ୍ପାଦନ ହେବ । ଏହି କାରଖାନା ଦ୍ୱାରା ଆମୋନିଅମ୍ ନାଇଟ୍ରେଟ୍ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ ପାଇବ । କୋଲ୍ ଇଣ୍ଡିଆର ନିର୍ଦ୍ଦେଶକ (ବିଜନେସ୍ ଡେଭେଲପ୍‌ମେଣ୍ଟ) ଦେବାଶିଷ ନନ୍ଦ ଓ ଭେଲ୍‌ର ନିର୍ଦ୍ଦେଶକ (ଇଞ୍ଜିନିୟରିଂ ଆଣ୍ଡ୍ ଆରଆଣ୍ଡଡି) ଜୟ ପ୍ରକାଶ ଶ୍ରୀବାସ୍ତବ ବୁଝାମଣାରେ ସ୍ୱାକ୍ଷର କରିଛନ୍ତି । ମିନିରତ୍ନ କମ୍ପାନି ପ୍ରୋଜେକ୍ଟସ୍ ଆଣ୍ଡ୍ ଡେଭେଲପ୍‌ମେଣ୍ଟ୍ ଇଣ୍ଡିଆ ଏହି ପ୍ରକଳ୍ପର ଡିଟେଲ୍ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତ କରିବ । ପ୍ରକଳ୍ପ ଲାଗି ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ଜମି ଅଧିଗ୍ରହଣ ଶେଷ ହେବ । ଏହା ପରେ କାମ ଆରମ୍ଭ ହେବ । ଏହି ପ୍ରକଳ୍ପରେ ୧୧,୭୮୨ କୋଟି ଟଙ୍କା ନିବେଶ ହେବ ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

# ଜିଲ୍ଲା ସ୍ତରୀୟ ମହିଳା ଆରୋଗ୍ୟ ଓ ଜନ ଆରୋଗ୍ୟ ସମିତି ସମ୍ମିଳନୀ

ସୋନପୁର: ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲା ସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନ ଆରୋଗ୍ୟ ସମିତି ସମ୍ମିଳନୀ ୨୦୨୩- ୨୪ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀମତୀ ଅନ୍ୟା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲ୍ଲାର ସ୍ୱାସ୍ଥ୍ୟ ସେବାରେ ସ୍ୱାସ୍ଥ୍ୟ କର୍ମୀଙ୍କ ଗୋଷ୍ଠୀ ସହଭାଗିତାକୁ ପ୍ରଶଂସା କରିବା ସହିତ କୋଭିଡ ସମୟରେ ସେମାନଙ୍କ ଉତ୍ସର୍ଗୀକୃତ ସେବା ନିମନ୍ତେ ସାଧୁବାଦ ଜଣାଇଥିଲେ । ଜିଲ୍ଲାର ସ୍ୱାସ୍ଥ୍ୟସେବାକୁ ଆହୁରି ଉତ୍କର୍ଷତାରେ ପହଞ୍ଚାଇବାକୁ ସମସ୍ତ ସ୍ୱାସ୍ଥ୍ୟ କର୍ମୀ ନିଜ ନିଜ ସ୍ତରରେ ସର୍ବୋତ୍କୃଷ୍ଟ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ଡି.ପି.ଏମ ବିଶ୍ୱମ୍ବର ବେହେରା ବରେଣ୍ୟ ଅତିଥିଙ୍କୁ ସ୍ୱାଗତ କରିବା ସହ ସମ୍ମିଳନୀର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜିଲ୍ଲାର ଆଶାକର୍ମୀ, ଗାଁ କଲ୍ୟାଣ ସମିତି ସଭ୍ୟ, ମହିଳା ଆରୋଗ୍ୟ ସମିତି ସଭ୍ୟା, ଜନ ଆରୋଗ୍ୟ ସମିତି ସଭ୍ୟ ପ୍ରଭୃତିଙ୍କୁ ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ମୁଖ୍ୟଅତିଥି ଜିଲ୍ଲାପାଳ ଶ୍ରୀମତୀ ଦାଶ ପୁରସ୍କୃତ କରିଥିଲେ ।

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଂଜନ ପତି, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର ନିୟୋଜନ), ଦୈତ୍ୟନାରାୟଣ ପାଢ଼ୀ, ଅଧିକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଡ଼ାକ୍ତର ଦୁର୍ଗା ଦତ୍ତ ଦାସ, ଶ୍ରୀ ମତୀ ଅନୁପମା ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ କଲ୍ୟାଣ ଅଧିକାରୀ, ଡାକ୍ତର ମନୋଜ କୁମାର ଅଦାବର , ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ମଞ୍ଜୁ ରାଣୀ ସିଂ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ଥିଲେ ।ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲା ସ୍ତରରେ ୪ ଜଣ ଆଶାକର୍ମୀ ଜାନକୀ ସାହୁ, ଲୋଚନା ସୁନା, ଅନୁସୂୟା ଦୀପ ଓ ରମ୍ଭା ନାଏକ, ସୋନପୁର ଓ ସୋନପୁର ସହରାଞ୍ଚଳ ପାଇଁ ରଶ୍ମିତା ଦାନୀ, ସନ୍ତୋଷିନୀ ମେହେର, ମାନସୀ ସେଠୀ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# କୃଷିଭବନ ଓ ସିଏସଆଇଆର- ଖଣିଜ ଏବଂ ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନ ପରିଦର୍ଶନ କଲେ ଡକ୍ଟର ପି.କେ ମିଶ୍ର





ଭୁବନେଶ୍ୱର : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ତାଙ୍କର ଓଡ଼ିଶା ଗସ୍ତ ଅବସରରେ କୃଷି ଭବନ ପରିଦର୍ଶନ କରି କୃଷି ସମୀକ୍ଷା କେନ୍ଦ୍ର ବୁଲି ଦେଖିବା ସହ କୃଷି ବିଭାଗ ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଏବଂ ଡିଜିଟାଇଜେସନ୍ ମାଧମରେ କୃଷିରେ ରୂପାନ୍ତରଣ ଆଣିବା ପାଇଁ କୃଷି ସମୀକ୍ଷା କେନ୍ଦ୍ର ନାମକ ଏକ ଅତ୍ୟାଧୁନିକ ଡିଜିଟାଲ୍ ପ୍ଲାଟଫର୍ମ ସ୍ଥାପନ କରାଯାଇଥିବା ନେଇ ସୂଚନା ଦେଇଥିଲେ । କୃଷି ସମୀକ୍ଷା କେନ୍ଦ୍ରରେ ଏକ କେନ୍ଦ୍ରୀଭୂତ କମାଣ୍ଡ ଓ କଣ୍ଟ୍ରୋଲ ନିରୀକ୍ଷଣ ବ୍ୟବସ୍ଥା ଆରମ୍ଭ କରଯାଇଛି । ଏହି ଅତ୍ୟାଧୁନିକ ଡିଜିଟାଲ୍ ପ୍ଲାଟଫର୍ମ ଦ୍ୱାରା କୃଷି ବିଭାଗର ବିଭିନ୍ନ ଯୋଜନାର ବାସ୍ତବ ରୂପାୟନ, ବିଭାଗୀୟ ନିର୍ଦ୍ଦେଶ ଏବଂ କର୍ଯ୍ୟର ସମୀକ୍ଷା ଓ ପର୍ଯ୍ୟବେକ୍ଷଣ ପାଇଁ ଏକ ସମନ୍ୱିତ ନିଷ୍ପତ୍ତି ଗ୍ରହଣର ବ୍ୟବସ୍ଥା ରହିଛି ବୋଲି ଡକ୍ଟର ପାଢ଼ୀ କହିଥିଲେ ।

କୃଷି ସମୀକ୍ଷା କେନ୍ଦ୍ର ମାଧମରେ ବିଭାଗର ଅଧିକାରୀମାନେ ବିଭିନ୍ନ ଯୋଜନା ଏବଂ କାର୍ଯ୍ୟକ୍ରମର ଡିଜାଇନ୍‌ର ଅନୁମାନ ଦିଗରେ ପରିକଳ୍ପନା ଆଧାରିତ ସର୍ବେକ୍ଷଣ କରିପାରୁଛନ୍ତି । ବାସ୍ତବ ସମୟର ତଥ୍ୟ ଏବଂ ଏହାର ଅପଡେଟ୍ ଆଧାରରେ କ୍ଷେତ୍ରର ସମସ୍ୟାକୁ ତୁରନ୍ତ ଚିହ୍ନଟ କରି ସମାଧାନ ଦିଗରେ ପଦକ୍ଷେପ ନିଆଯାଇ ପାରୁଛି । କୀଟପତଙ୍ଗର ପ୍ରାଦୁର୍ଭାବ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଫସଲହାନୀକୁ ହ୍ରାସ କରାଯାଇପାରୁଛି ବୋଲି କୃଷି ବିଭାଗ ପ୍ରମୁଖ ସଚିବ କହିଥିଲେ । ପରେ ଡକ୍ଟର ମିଶ୍ର କୃଷି ଭବନ ପରିସରରେ ଥିବା ମିଲେଟ୍ କାଫେ ପରିଦର୍ଶନ କରି ବିଭିନ୍ନ ଖାଦ୍ୟ ସମ୍ପର୍କରେ ପଚାରି ବୁଝିଥିଲେ । ଡକ୍ଟର ମିଶ୍ରଙ୍କ ପରିଦର୍ଶନ ସମୟରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଓସେପାର ନିର୍ଦ୍ଦେଶକ ଅନୁପମ ସାହାଙ୍କ ସମେତ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହାଛଡ଼ା ଡକ୍ଟର ମିଶ୍ର ସିଏସଆଇଆର- ଖଣିଜ ଏବଂ ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ । ସେ ପ୍ରତିଷ୍ଠାନର ପ୍ରୟୋଗଶାଳା ବୁଲି ଦେଖିବା ସହିତ ସେଠାକାର କାର୍ଯ୍ୟଧାରା ସମୀକ୍ଷା କରିଥିଲେ । ଖଣିଜ ଓ ବସ୍ତୁ ବିଜ୍ଞାନ ପ୍ରତିଷ୍ଠାନରେ ଜାରି ରହିଥିବା ଗବେଷଣା କାର୍ଯ୍ୟ ଅନୁଧ୍ୟାନ କରି ଡକ୍ଟର ମିଶ୍ର କହିଥିଲେ, ଓଡ଼ିଶା ଏକ ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ । ଉଚ୍ଚକୋଟୀର ଗବେଷଣା ଜରିଆରେ ଖଣିଜ କ୍ଷେତ୍ରର ବିକାଶ ଓ ବିସ୍ତାର ଜରିଆରେ ଓଡ଼ିଶା ଏବଂ ସାମଗ୍ରିକ ଭାବେ ଦେଶର ପ୍ରଗତିରେ ଯୋଗ ଦାନ କରିବା ଲାଗି ସେ ପ୍ରତିଷ୍ଠାନର ବୈଜ୍ଞାନିକ ଓ ଗବେଷକମାନଙ୍କୁ ପରାମର୍ଶ ଦେଇଥିଲେ ।





## ଡକ୍ଟର ପି.କେ ମିଶ୍ର ପୁରୀରେ କଲେ ଜଗନ୍ନାଥ ଦର୍ଶନ

ପୁରୀ : ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନ ଉପରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ଆଶିଷ ଗ୍ରହଣ କରି ଥିଲେ । ମହାପ୍ରଭୁଙ୍କୁ ଦର୍ଶନ କରିସାରିବା



ପରେ ମା' ବିମଳା, ମା' ଲକ୍ଷ୍ମୀଙ୍କ ମନ୍ଦିରକୁ ଯିବା ସହ ବେଢା ପରିକ୍ରମା କରିଥିଲେ । ଶ୍ରୀମନ୍ଦିର ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିଥିଲେ । ଗଣମାଧମକୁ ସୂଚନା ଦେଇ ଡକ୍ଟର ମିଶ୍ର କହିଥିଲେ, ଦୀର୍ଘ ଦିନ ଧରି ମହାପ୍ରଭୁଙ୍କୁ ଦର୍ଶନ କରି ନଥିଲି । ମାତ୍ର ଆଜି ଦର୍ଶନ କରିବା ପରେ ବହୁତ ଖୁସୀ ଲାଗିଲା । ମହାପ୍ରଭୁଙ୍କ ସହ ସମସ୍ତ ଦେବଦେବୀଙ୍କୁ ମଧ ଦର୍ଶନ କଲି । ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଅତ୍ୟନ୍ତ ସୁନ୍ଦର ହୋଇଛି । ଦର୍ଶନ ଲାଗି ଆସୁଥିବା ଶ୍ରଦ୍ଧାଳୁମାନଙ୍କ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି । ପ୍ରମୁଖ ସଚିବ ଡକ୍ଟର ମିଶ୍ର ସିଂହଦ୍ୱାରରେ ପହଞ୍ଚିବା ସମୟରେ ଶ୍ରୀମନ୍ଦିରର ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ । ଏହି ସମୟରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ରଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଏମ୍‌ସିଏଲ୍‌ର ପ୍ରଦର୍ଶନକୁ ପ୍ରଶଂସା କଲେ କୋଲ୍ ଇଣ୍ଡିଆ ଅଧକ୍ଷ






ବୁର୍ଲା : କୋଲ୍ ଇଣ୍ଡିଆ ଅଧକ୍ଷ ପି.ଏମ୍ ପ୍ରସାଦ ଏମ୍.ସି.ଏଲ୍ ପରିଦର୍ଶନ କରିଛନ୍ତି । କମ୍ପାନୀର ମୁଖ୍ୟାଳୟରେ ଶ୍ରୀ ପ୍ରସାଦ ଏମ୍.ସି.ଏଲ୍‌ର କାର୍ଯ୍ୟର ସମୀକ୍ଷା କରିବା ସହ ୨୦୨୩-୨୪ ଆର୍ଥିକ ବର୍ଷରେ ଉନ୍ନତ ପ୍ରଦର୍ଶନ ସହ ନିରନ୍ତର ଅଭିବୃଦ୍ଧି ବଜାୟ ରଖିଥିବାରୁ ଏମସିଏଲ୍‌କୁ ପ୍ରଶଂସା କରିଥିଲେ । କୋଲ୍ ଇଣ୍ଡିଆର ପ୍ରଦର୍ଶନରେ ଏମସିଏଲକୁ ମୂଳଦୁଆ ବୋଲି କହିବା ସହ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଦେଶର ଶକ୍ତି ନିରାପତ୍ତା ସୁନିଶ୍ଚିତ କରିବାରେ ଏମ୍‌ସିଏଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିବା ସହ ଶ୍ରୀ ପ୍ରସାଦ କମ୍ପାନୀର କ୍ରମାଗତ ଅଭିବୃଦ୍ଧି ନେଇ ଆଶାବାଦୀ ଥିବା କଥା କହିଥିଲେ । ସମୀକ୍ଷା ବୈଠକରେ ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବିତ୍ତ ନିର୍ଦ୍ଦେଶକ ଏ.କେ ବେହୁରା ଓ ବୈଷୟିକ ନିର୍ଦ୍ଦେଶକ ଏ.କେ ବାପଟ ପ୍ରମୁଖ ଉପସ୍ଥିତ ଥିଲେ ।

ସେହିପରି ଆଇ.ଆଇ.ଏମ୍ ସମ୍ବଲପୁରରେ ମଧ ଆୟୋଜିତ ୧୦୦ କ୍ୟୁବ୍ ଷ୍ଟାର୍ଟଅପ୍ କନକ୍ଲେଭରେ କୋଲ୍ ଇଣ୍ଡିଆ ଅଧକ୍ଷ ଶ୍ରୀ ପ୍ରସାଦ ଭାଷଣ ଦେବା ଅବସରରେ ଏମ୍.ସି.ଏଲ୍‌ର କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ ।

## ଛେଣ୍ଡିପଦା କେନ୍ଦ୍ରୀୟ ବିଦ୍ୟାଳୟର ଶିଳାନ୍ୟାସ



ଅନୁଗୁଳ: ଏମ୍.ସି.ଏଲର ସୁଭଦ୍ରା ଏରିଆରେ ଥିବା ଛେଣ୍ଡିପଦା ଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଇଲା ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ସହ ଶିଳାନ୍ୟାସ କରିଛନ୍ତି । ଏହି ବିଦ୍ୟାଳୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୮୦ ଜଣ ଛାତ୍ରଛାତ୍ରୀ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି ପାରିବେ । ଶିଳାନ୍ୟାସ ଉତ୍ସବରେ ଏମ୍.ସି.ଏଲ୍‌ର ସି.ଏମ୍.ଡି ଶ୍ରୀ ଉଦୟ ଏ କାଓଲେଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।



## ଦୁଇ ଆଇ.ଆଇ.ଏମ୍ ସହ କୋଲ୍ ଇଣ୍ଡିଆର ଏମ୍.ଓ.ୟୁ ସ୍ୱାକ୍ଷର

ସମ୍ବଲପୁର : ପ୍ରଧାନମନ୍ତ୍ରୀ ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନ ୨୦୨୧କୁ ଦୃଷ୍ଟିରେ ରଖି କୋଇଲା ପରିବହନ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ପାଇଁ ଆଇ.ଆଇ.ଏମ ମୁମ୍ବାଇ ଏବଂ ଆଇ.ଆଇ.ଏମ ସମ୍ବଲପୁର ସହିତ କୋଲ୍ ଇଣ୍ଡିଆ ଲିମିଟେଡ ଏକ ବୁଝାମଣାପତ୍ର (ଏମ୍.ଓ.ୟୁ) ସ୍ୱାକ୍ଷର କରିଛି । ଏହି ଏମ୍.ଓ. ୟୁ ଶିଳ୍ପ ଦକ୍ଷତା ଏବଂ ଏକାଡେମିକ୍ ଉତ୍କର୍ଷକୁ ଏକତ୍ର କରିବ । ଏହି ଚୁକ୍ତିନାମା ପରିବର୍ତ୍ତନଶୀଳ ଲଜିଷ୍ଟିକ୍ ଦକ୍ଷତା, ଅର୍ଥନୈତିକ ଅଭିବୃଦ୍ଧି ଏବଂ ସ୍ଥାୟୀ ପରିବେଶ ସ୍ଥିରତା ପାଇଁ ଯଥେଷ୍ଟ ସହାୟକ ହେବା ସହ ସଂଯୋଗୀକରଣ ଭିତ୍ତିଭୂମିରେ ପରିବର୍ତ୍ତନ ଆଣିବା ପାଇଁ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କୋଲ୍ ଇଣ୍ଡିଆ ଅଧକ୍ଷ ପିଏମ୍ ପ୍ରସାଦ, ଏମ୍‌ସିଏଲ୍‌ର ସିଏମଡି ଉଦୟ ଅନନ୍ତ କାଓଲେଙ୍କ ଉପସ୍ଥିତିରେ ଏମସିଏଲ ନିର୍ଦ୍ଦେଶକ କେଶବ ରାଓ, ଆଇଆଇଏମ ମୁମ୍ବାଇର ନିର୍ଦ୍ଦେଶକ ମନୋଜ ତିୱାରୀ ଓ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ମହାଦେବ ଜୈସୱାଲ ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ ।




## ସଙ୍ଗୀତା ଗୋସାଇଁ ପାଇବେ କେନ୍ଦ୍ର ସଙ୍ଗୀତ ନାଏକ ଏକାଡେମୀ ପୁରସ୍କାର

ସମ୍ବଲପୁର : ୨୦୨୩ ବର୍ଷ ଲାଗି କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଁ ପାରମ୍ପରିକ ସଙ୍ଗୀତ କ୍ରମରେ ଦେଶର ବାର ଜଣ ଶିଳ୍ପୀଙ୍କ ମଧରେ ଓଡ଼ିଶାର ପ୍ରଖ୍ୟାତ ଗାୟିକା ଗୁରୁ ଡକ୍ଟର ସଙ୍ଗୀତା ଗୋସାଇଁ ମନୋନୀତ ହୋଇଛନ୍ତି । ଖୁବ୍ ଶୀଘ୍ର ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ରାଷ୍ଟ୍ରପତି ସଙ୍ଗୀତା ଗୋସାଇଁଙ୍କୁ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶି ସହ ତାମ୍ର ଫଳକ ଓ ଉପଢ଼ୌକନ ନେଇ ସମ୍ମାନିତ ହେବେ । ଏହାଛଡ଼ା ମନୋନୀତ ଅନ୍ୟାନ୍ୟ ଶିଳ୍ପୀମାନେ ମଧ ଏଥିରେ ପୁରସ୍କାର ପାଇବେ ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra